୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷକ

Vol.27. No.38 Bhubaneswar Tuesday March 18 2025 | ୨୭ତମ ବର୍ଷ ସଂଖ୍ୟା-୩୮ ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୮, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

# ସୁକିନ୍ଦା ପ୍ରେସ କ୍ଲବର ରୌପ୍ୟ ଜୟନ୍ତୀ : ସାମ୍ବାଦିକ ମାନେ ସମାଜର ଜାଗ୍ରତ ପ୍ରହରୀ,ମନ୍ତ୍ରୀ ପ୍ରଦିପ ବଳସାମନ୍ତ





ସୁକିନ୍ଦା୧୭ । ୩(ପି.ଏନ): ସୁକିନ୍ଦା ପ୍ରେସ କ୍ଲବର ୨୫ତମ ବାର୍ଷିକ ଉତ୍ସବ ତଥା ରୌପ୍ୟ ଜୟନ୍ତି କାଳିଆପାଣି ସ୍ଥିତ ଟାଟାଷ୍ଟିଲ କାଟେପୁର୍ଣ୍ଣି ଅଡ଼ିଟୋରିୟମ ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ପ୍ରେସ କ୍ଲବର ସଭାପତି ବିଶ୍ୱଜିତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟସରକାରଙ୍କ ସମବାୟ ହସ୍ତତନ୍ତ, ହସ୍ତଶିଳ୍ପ ଓ ବୟନଶିଳ୍ପ ମନ୍ତ୍ରୀ ଡ଼ଃ ପ୍ରଦିପ ବଳସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ସାମ୍ବାଦିକ ମାନଙ୍କୁ ସମାଜର ଜାଗ୍ରତପ୍ରହରି ବୋଲି ବିବେଚ଼ିତ କରିଥିଲେକ୍ଷ ସେମାନଙ୍କ ଅକ୍ଲାନ୍ତ ପରିଶ୍ରମ ପାଇଁ ସମାଜ ସୁଧାର ସୃଷ୍ଟି ହୁଏ । ରାଜ୍ୟ ସରକାର ସାମ୍ବାଦିକଙ୍କ ବିଭିନ୍ନ ନ୍ୟାର୍ଯ୍ୟ ଦାବିକୁ ହୃଦୟଙ୍ଗମ କରିବା ସହ ଏହି କ୍ଷେତ୍ରରେ ସରକାର ବିଚ଼ାରକରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଟାଟାଷ୍ଟିଲ ଫେରୋ ଆଲଏଜ ଓ ମିନେରାଲ ଡିଭିଜନ ( ଏଫଏଏମଡି )ର ଏକ୍ଜିକ୍ୟୁଟିଭି ଇନଚ଼ାର୍ଜ ପଙ୍କଜ ସତିଜା ଯୋଗଦେଇଥିବା ବେଳେ ଡ଼ଃ ପବିତ୍ର ମୋହନ ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅନ୍ୟ ରାଜ୍ୟ ଭଳି ଓଡିଶାରେ ସାମ୍ବାଦିକ ମାନଙ୍କୁ ସର୍ବନିମ୍ନ ମାସିକ ଭତ୍ତା ପ୍ରଦାନ କରିବାକୁ ସମବାୟ ମନ୍ତ୍ରୀଙ୍କ ନିକଟରେ ଦାବୀ ଉପସ୍ଥାପନ କରିଥିଲେ । ସମ୍ମାନିତ ଅତିଥିଭାବେ ଷ୍ଟେଟ ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟର ରାଜ୍ୟ ସଭାପତି କୈଳାଶ ଚ଼ନ୍ଦ୍ର ନାୟକ ଓ ଉତ୍କଳ ସାମ୍ବାଦିକ ସଙ୍ଘ ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା ଯୋଗଦେଇ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ କ୍ଷ ସୁକିନ୍ଦା ପ୍ରେସ କ୍ଲବର ସାଧାରଣ ସମ୍ପାଦକ ନିଳମାଧବ ନାୟକ ବାର୍ଷିକ ବିବରଣି ପାଠ କରିଥିବା ବେଳେ ସମ୍ପାଦକ ସତ୍ୟଜିତ ଦାଶ ଅତିଥିପରିଚ଼ୟ ପ୍ରଦାନ କରିଥିଲେ କ୍ଷ ଏହି ଅବସରରେ ନଗଡାର ଆଶା କର୍ମି ଜୟନ୍ତୀ ମହାନ୍ତଙ୍କୁ ସୁକିନ୍ଦା ରତ୍ନ, ଆନ୍ତଜାର୍ତତୀୟ ଖେଳାଳି ଶୁଭ୍ରଜିତ ମଲ୍ଲିକଙ୍କୁ ସୁକିନ୍ଦା ଗୌରବ, ଟାଟାଷ୍ଟିଲ କଳିଙ୍ଗନଗର କର୍ପୋରେଟର ମୁଖ୍ୟ ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କୁ ସୁକିନ୍ଦା ବନ୍ଧୁ ଓ ବେଦାନ୍ତ ଫେକର କମ୍ପାନି ଅଧିକାରୀ ଅଜୟ କୁମାର ପାତ୍ରଙ୍କୁ ଶୁପ୍ରତ୍ୟସୁ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । କଳିଙ୍ଗନଗର ଅତିରିକ୍ତ ଆରକ୍ଷୀଅଧିକ୍ଷକ ଶୁପ୍ରସନ୍ନ ମଲ୍ଲିକ, କାଳିଆପାଣି ଥାନା ଅଧିକାରୀ ଶିବପ୍ରସାଦ ବେହେରା, ବରିଷ୍ଠ ସାମ୍ବାଦିକ ଶ୍ରୀନାଥ ଜେନା, ଓଡିଶା ଖଣିନିଗମ ଯାଜପୁର ବରିଷ୍ଠ କାର୍ମିକ ପ୍ରବନ୍ଧକ ଦେବାଶିଷ ସାମଲ, ଜିନ୍ଦଲ କାଳିଆପାଣିର ବରିଷ୍ଠ ଖଣି ଅଧିକାରୀ ରମ୍ୟରଞ୍ଜନ ରାୟ, ଇଞ୍ଜିନିୟର ସନ୍ଦିପ ମିଶ୍ର ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ । ପ୍ରେସ କ୍ଲବର କାର୍ଯ୍ୟକାରୀ ସଭାପତି ରବିନ୍ଦ୍ର କୁମାର ସାମଲ ଓ ମନୋଜ କୁମାର ନାୟକ ମଞ୍ଚ ପରିଚ଼ାଳନା କରିଥିଲେ । ସୁକିନ୍ଦା ପ୍ରେସ କ୍ଲବ ସଦସ୍ୟ ସାମ୍ବାଦିକ ଅସିତ କୁମାର ମହାନ୍ତ, ଲମ୍ବୋଦର ଦଳବେହେରା, ବିଶ୍ୱନାଥ ସାହୁ , ସରୋଜ ନାୟକ ,କୃପାସିନ୍ଧୁ କେଶରୀ ,କପିଳେନ୍ଦ୍ର ମହାନ୍ତ , ବିମଳେନ୍ଦୁ ବେହୁରା ,ନିହାର କାନ୍ତ ପାତ୍ର ,ସୌମ୍ୟ ରଞ୍ଜନ ବାରିକ ,ଦୀପକ ଭଟଚ଼ାର୍ଯ୍ୟ ,ଏସକେ ଜହୁର ,ମଧୁସୁଦନ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚ଼ାଳନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଖଣି ଅଞ୍ଚଳର କୁନି କୁନି ପ୍ରତିଭାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା କ୍ଷ ଜିଲ୍ଲା ତଥା ପଡୋଶୀ ଜିଲ୍ଲାରୁ ବହୁ ସଂଖ୍ୟାରେ ସାମ୍ବାଦିକ ମାନେ ଯୋଗଦେଇଥିଲେ ସେମାନଙ୍କୁ ମଧ ସଙ୍ଘ ପକ୍ଷରୁ ସମ୍ମାନିତ କରାଯାଇଥିଲା ।

## ଭୁବନେଶ୍ୱର ବାସଭବନରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପାର୍ଥିବ ଶରୀର : ଅନ୍ତିମ ସଂସ୍କାର ସ୍ୱର୍ଗ ଦ୍ୱାରରେ

ଭୁବନେଶ୍ୱର,୧୭ ।୩(ପି.ଏନ): ଦିଲ୍ଲୀରୁ ଭୁବନେଶ୍ୱର ଆସିଲା ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପାର୍ଥିବ ଶରୀର । ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱର ବିମାନ ବନ୍ଦରରେ ମରଶରୀର ପହଁଚ଼ିବା ପରେ ସେଠାରେ ତାଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା । ବିମାନବନ୍ଦରରେ ବାଚ଼ସ୍ପତି ସୁରମା ପାଢୀ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ବମନ୍ତ୍ରୀ ପୃଥ୍ୱୀରାଜ ହରିଚ଼ନ୍ଦନଙ୍କ ସମେତ ବିଜେଡି ନେତା ମହେଶ ସାହୁ, ବ୍ରଜ କିଶୋର ପ୍ରଧାନ, ରୋମାଞ୍ଚ ରଂଜନ ବିଶ୍ୱାଳ, ମନ୍ମଥ ରାଉତରାୟ, ଭୃଗୁ ବକ୍ସିପାତ୍ର ଓ କଂଗ୍ରେସର ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ବାପାଙ୍କ ପାର୍ଥିବ ଶରୀର ପହଞ୍ଚିବା ବେଳେ ଉପସ୍ଥିତ ରହିଥିଲେ ପୁଅ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ବିମାନ ବନ୍ଦରରୁ ଏକ ସ୍ୱତନ୍ତ୍ର ଗାଡିରେ ଡାକ୍ତର ପ୍ରଧାନଙ୍କ ପାର୍ଥିବ ଶରୀରକୁ ବିଜେପି ରାଜ୍ୟ କାର୍ଯ୍ୟାଳୟକୁ ନିଆଯାଇଥିଲା । ସେଠାରେ ରାଜ୍ୟ ବିଜେପିର ବହୁ ନେତା ଓ କର୍ମୀ ଦେବେନ୍ଦ୍ର ପ୍ରଧାନଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।



## ନିଯୁକ୍ତି ପାଇଁ ବଢାଅ ବୟସସୀମା', ଡହ ଡହ ଖରାରେ ଜଳୁଥିବା ପିଚୁରେ ଶୋଇଲେ ବିକ୍ଷୋଭକାରୀ

ଭୁବନେଶ୍ୱର,୧୭ ।୩(ପି.ଏନ): ଭୁବନେଶ୍ୱରରେ ହେଉଛି ନିଆଁବର୍ଷା । ଏହି ଡହ ଡହ ଖରାରକୁ ଖାତିର ନ କରି ତତଲା ପିଚୁରେ ଶତାଧିକ ବିକ୍ଷୋଭକାରୀ ଶୋଇଛନ୍ତି । ଓଜଇ ବାଟାଲିୟନ, OSAP, ଫାୟାରମ୍ୟାନ ଓ ଚଗଞ୍ଚ ଡ୍ରାଇଭର ପରୀକ୍ଷାର୍ଥୀଙ୍କ ବୟସସୀମା ବୃଦ୍ଧି ଦାବିରେ ବିଧାନସଭା ଆଗରେ ପ୍ରତିବାଦ କରିଛନ୍ତି ବିକ୍ଷୋଭକାରୀ। ଏହି ପ୍ରତିବାଦ 'ଷ୍ଟୁଡେଣ୍ଟ ଏଗେନଷ୍ଟ କରପ୍ସନ ପକ୍ଷରୁ' କରାଯାଇଛି । ବୟସ ସୀମା ବୃଦ୍ଧି କର ନହେଲେ ଏଇଠି ଶୋଇଲୁ: IRB ବାଟାଲିଅନ, SI, ଫେୟାର ମ୍ୟାନ, ଓ ଚଗଞ୍ଚ ଡ୍ରାଇଭର ପରୀକ୍ଷାର୍ଥୀଙ୍କ ପରୀକ୍ଷା ବୟସ ବୃଦ୍ଧି ଦାବିରେ ବିଧାନସଭା ଆଗରେ ଆନ୍ଦୋଳନ କରିଛନ୍ତି। ସୁରକ୍ଷାକର୍ମୀଙ୍କ ଆଗରେ ଆନ୍ଦୋଳନକାରୀ ପରୀକ୍ଷାର୍ଥୀ ଶୋଇଥିବାର ଦେଖିବାକୁ ମିଳିଛି। ବିକ୍ଷୋଭର କାରଣ: ଆଉ ଏଇ ଭୀଷଣ ଖରାକୁ ଖାତିର୍ ନକରି ତତଲା ପିଚୁରେ ପେଟେଇଛନ୍ତି ଶତାଧିକ ବିକ୍ଷୋଭକାରୀ। ପୂର୍ବରୁ IRB ବାଟାଲିଅନ, OSAP, ଫାୟାର ମ୍ୟାନ ଓ ଚଗଞ୍ଚ ଡ୍ରାଇଭର ନିଯୁକ୍ତ ଲାଗି ବୟସସୀମା ୧୮ରୁ ୨୩ ବର୍ଷ ରହିଥିଲା ।



## ଜୟପୁରରେ ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କୁ ଅଣଦେଖା

ଭୁବନେଶ୍ୱର,୧୭ ।୩(ପି.ଏନ): ଜୟପୁର ସହରରେ ୮ଶହ ସଂଖ୍ୟା ବିଶିଷ୍ଟ ହଷ୍ଟେଲ୍ ନିର୍ମାଣରେ ବ୍ୟାପକ ଅବହେଳା । କାମ ସାରିବା ଅବଧି ସରିଯାଇଥିବା ପରେ ବି ୩ ବର୍ଷ ହେଲାଣି କାର୍ଯ୍ୟ ସରିବାର ନା ନେଉନାହିଁ । ଯାହା ଫଳରେ ହଷ୍ଟେଲ ସୁବିଧାରୁ ବଞ୍ଚିତ ହେଉଛନ୍ତି ପଛୁଆ ବର୍ଗର ଛାତ୍ରଛାତ୍ରୀ । ସେପଟେ ଅସମ୍ପୂର୍ଣ୍ଣ ହଷ୍ଟେଲକୁ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ରହିବା ପାଇଁ ବିଶ୍ୱ ବିଦ୍ୟାଳୟକୁ ହସ୍ତାନ୍ତର କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି ।ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ପ୍ରତି ଅଣଦେଖା । ହଷ୍ଟେଲ ନିର୍ମାଣରେ ବିଳମ୍ବ ଯୋଗୁଁ ଅସୁବିଧାରେ ବିଦ୍ୟାର୍ଥୀ । ଅସମ୍ପୂର୍ଣ୍ଣ ହଷ୍ଟେଲକୁ ବିଶ୍ୱବିଦ୍ୟାଳୟକୁ ହସ୍ତାନ୍ତର । ଝଉ-ଝଞ୍ଚ ବିଭାଗ ନିକଟରେ ନାହିଁ ଖବର । ଅବିଭକ୍ତ କୋରାପୁଟ ଜିଲ୍ଲାରେ ପଛୁଆ ବର୍ଗ ଛାତ୍ରଛାତ୍ରୀ ଅଧିକ ଗୁରୁତ୍ୱ ଦେଇଥିଲେ ପୂର୍ବ ସରକାର । ଏଥିପାଇଁ ୮ଶହ ସଂଖ୍ୟା ବିଶିଷ୍ଟ ହେଷ୍ଟେଲ ନିର୍ମାଣ ପାଇଁ ଯୋଗାଇ ଦେଇଥିଲେ ୧୦ କୋଟି ଟଙ୍କା । ୨୦୧୯ ରେ ନିର୍ମାଣ ପାଇଁ ଘଚଉଉ ନାମକ ଏକ ଜାତୀୟ ଠିକା ସଂସ୍ଥାକୁ ଦିଆଯାଇଥିଲା ଦାୟିତ୍ୱ । ହେଲେ ବର୍ତ୍ତମାନ ଯାଏଁ ନିର୍ମାଣ କାର୍ଯ୍ୟ ସରିପାରୁନାହିଁ । ଫଳରେ ଛାତ୍ରଛାତ୍ରୀ ହଷ୍ଟେଲ ସୁବିଧାରୁ ବଞ୍ଚିତ ହୋଇଛନ୍ତି । ବାଧ୍ୟହୋଇ ବାହାରେ ଘରଭଡ଼ା ନେଇ ରହୁଛନ୍ତି ଅନେକ ଛାତ୍ରଛାତ୍ରୀ । ଠିକା ସଂସ୍ଥା ପ୍ରତି ନୂଆ ସରକାର କାହିଁକି ଏତେ ଅନୁକମ୍ପା ବୋଲି ପ୍ରଶ୍ନ କରିଛନ୍ତି ବୁଦ୍ଧିଜୀବୀ ।ହଷ୍ଟେଲ କାର୍ଯ୍ୟ ସରି ନଥିବା ରାଜ୍ୟ SC-ST ବିଭାଗ ନିକଟରେ ଖବର ନାହିଁ ।

## ଥାନା ପରିସରକୁ ଧସେଇ ପଶିଲେ ଗ୍ରାମବାସୀ

ଭୁବନେଶ୍ୱର,୧୭ ।୩(ପି.ଏନ): ପୋଲିସର ନିଷ୍କ୍ରିୟତା ପ୍ରତିବାଦରେ ଥାନା ପରିସରକୁ ଧସେଇ ପଶିଲେ ଗ୍ରାମବାସୀ। କେନ୍ଦ୍ରାପଡା ଜିଲ୍ଲା ରାଜକନିକା ଥାନା ଅନ୍ତର୍ଗତ ଖଣ୍ଡେଇତା ଗାଁରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ନେଇ ଥାନା ପରିସରକୁ ଗ୍ରାମବାସୀ ଧସେଇ ପଶିବା ସହିତ ଥାନା ସମ୍ମୁଖରେ ଧାରଣାରେ ବସିଛନ୍ତି। କିଛି ସମୟ ପାଇଁ ଥାନା ପରିସରରେ ଉତ୍ତ ?ଜନା ଲାଗିରହିଥିଲା । ଗତ ୧୦ ତାରିଖ ଦିନ ଖଣ୍ଡେଇତା ଗାଁର ରବିନାରାୟଣ ରାଉତଙ୍କ ପୁଅ ଶ୍ରୀକାନ୍ତ ରାଉତଙ୍କୁ ମୁର୍ମୁଷ ଅବସ୍ଥାରେ ରାଜକନିକା ଥାନା ଠାରୁ କିଛି ଦୂରରୁ ଉଦ୍ଧାର କରାଯାଇ ମେଡିକାରେ ଭର୍ତ୍ତି କରାଯାଇଥିଲା । ପରେ ଚ଼ିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ କଲବଲ କରିବ ଗ୍ରୀଷ୍ମ ପ୍ରବାହ

ଭୁବନେଶ୍ୱର,୧୭ ।୩(ପି.ଏନ): ଆହୁରି ୩ ଦିନ ଯାଏ ସିଝିବ ଓଡିଶା । ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ କଲବଲ କରିବ ଗ୍ରୀଷ୍ମ ପ୍ରବାହ । ଆଜି ୪୩.୫ ସହ ବୌଦ୍ଧ ରାଜ୍ୟର ସବୁଠୁ ଉତପ୍ତ ସହର ପାଲଟିଛି । ସେହିପରି ୪୨ ତାପମାତ୍ରା ସହ ବରଗଡ ଦ୍ୱିତୀୟ ଏବଂ ୪୦.୭ ସହ ଅନୁଗୁଳ ତୃତୀୟରେ ରହିଛି । ଟିଟିଲାଗଡ ୪୦.୫, ମାଲକାନଗିରି ୪୦.୨, ଝାରସୁଗୁଡା ୩୯.୮, ସମ୍ବଲପୁର ୩୯.୬, ହୀରାକୁଦ ୩୯.୧, ରାଉରକେଲା ୩୭.୧, କଟକ ୩୭, ଚ଼ାନ୍ଦବାଲି ୩୬.୮,ଭୁବନେଶ୍ୱର ୩୬.୭ ରେକର୍ଡ କରାଯାଇଛି । ଆସନ୍ତା ୨୪ ଘଣ୍ଟା ଯାଏ ସିଭିୟର ହିଟ ୱେଭ ରହିଥିବା ବେଳେ ବଲାଙ୍ଗୀର, ଅନୁଗୁଳ ଝାରସୁଗୁଡା ଓ ବୌଦ୍ଧ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ସମ୍ବଲପୁର, ସୁନ୍ଦରଗଡକୁ ୟେଲୋ ୱାର୍ଣ୍ଣିଙ୍ଗ ଜାରି କରାଯାଇଥିବା ବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର,କେନ୍ଦ୍ରାପଡା, କଟକ, ଜଗତସିଂହପୁର, ଖୋର୍ଦ୍ଧା ଓ ଗଜପତିକୁ ଜିଲାକୁ ମଧ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୩ ଦିନ ପରେ ଅର୍ଥାତ ୨୦ ତାରିଖ ବେଳକୁ କମିବ ତାପମାତ୍ରା । ୨ ରୁ ୪ ଡିଗ୍ରୀ ତାପମାତ୍ରା ହ୍ରାସ ହେବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ତାପମାତ୍ରା ହ୍ରାସ ସହ ବିଜୁଳି ଘଡଘଡି ହେବାର ସମ୍ଭାବନା ରହିଛି । ଆସନ୍ତାକାଲିଠୁ କିଛି କିଛି ସ୍ଥାନରେ ବିଜୁଳି ଘଡଘଡି ବର୍ଷା ହୋଇପାରେ ବୋଲି ବିଭାଗ ପୂର୍ବାନୁମାନ କରିଛି । ଭଦ୍ରକ, ଯାଜପୁର, ବାଲେଶ୍ୱର, କେନ୍ଦୁଝର, ମୟୁରଭଞ୍ଜ ଓ ସୁନ୍ଦରଗଡ ଜିଲ୍ଲାର କେତେକ ସ୍ଥାନରେ ବିଜୁଳି ଘଡଘଡି ସହ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି ।




## ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁଭରତ ଚରଣ ଦାଶ

ଆବିର୍ଭାବ- ୧୭.୦୬.୧୯୪୩

ତିରୋଧାନ- ୦୭.୦୩.୨୦୨୫


## ବୁଡିବାକୁ ବସିଛି କୁମ୍ଭକାରଙ୍କ କୌଳିକ ବୃତ୍ତି, କମିଗଲାଣି ମାଟି ତିଆରି ସାମଗ୍ରୀ ଚ଼ାହିଦା



ଭୁବନେଶ୍ୱର,୧୭ ।୩(ପି.ଏନ): ଆଧୁନିକତାର ଚ଼ାକଚ଼କ୍ୟ ମଧ୍ୟରେ ବୁଡିଯିବାକୁ ବସିଛି କୁମ୍ଭକାରଙ୍କ କୌଳିକ ବୃତ୍ତି । କଂସା ପିତଳ, ଷ୍ଟିଲ ଓ ଆଲୁମିନିୟମ ଯୁଗରେ ଆଉ ପୂର୍ବ ଭଳି ବିକ୍ରି ହେଉନି ମାଟି ତିଆରି ସାମଗ୍ରୀ । ଧର୍ମଗଡ ଉପଖଣ୍ଡର ବିଭିନ୍ନ ବ୍ଲକର ୫ ହଜାରରୁ ଅଧିକ କାରିଗର ମାଟି ସାମଗ୍ରୀ ତିଆରି କରୁଥିଲେ ବି ତାଙ୍କୁ ମିଳୁନି ସରକାରୀ ପ୍ରୋତ୍ସାହନ । ଫଳରେ ବୃତ୍ତିରୁ ଧୀରେ ଧୀରେ ମୁହଁ ଫେରାଇବାକୁ ବସିଲେଣି ।ଆଧୁନିକତାକର ଚ଼ାକଚ଼କ୍ୟ ମଧ୍ୟରେ ଏବେ ମାଟି ତିଆରି ସାମଗ୍ରୀର ଚ଼ାହିଦା କମିଗଲାଣି । ଦିନ ଥିଲା କୁମ୍ଭକାର ପରିବାର ମାନେ ପୂଜା ପର୍ବାଣୀ ସମୟରେ ମାଟି ତିଆରି ସାମଗ୍ରୀ ତିଆରି କରି ବେଶ ଦୁଇ ପଇସା ରୋଜଗାର କରୁଥିଲେ । ଅଖ ଚ଼କ ଘୁରାଇ ମାଟି ସହ ମାଟି ହୋଇ ହାଣ୍ଡି, କଳସ ଦୀପ, ସୁରେଇ, ରୁଖା ଭଳି ଅନେକ ସମାଗ୍ରୀ ତିଆରି କରୁଥିଲେ । ହେଲେ ଏବେ କଂସା ପିତଳ, ଷ୍ଟିଲ ଓ ଆଲୁମିନିୟମ ଯୁଗରେ ଆଉ ପୂର୍ବ ଭଳି ବିକ୍ରି ହେଉନି ମାଟି ତିଆରି ସାମଗ୍ରୀ । ଫଳରେ ଏବେ ଏହି ବୃତ୍ତିରୁ ଧୀରେ ଧୀରେ ମୁହଁ ଫେରାଇବାକୁ ବସିଲେଣି କୁମ୍ଭକାର । କଳାହାଣ୍ଡି ଜିଲ୍ଲା ଧର୍ମଗଡ ଉପଖଣ୍ଡର ବିଭିନ୍ନ ବ୍ଲକର ବିଭିନ୍ନ ଗାଁରେ ପାଖାପାଖି ୫ ହଜାରରୁ ଉର୍ଦ୍ଧ୍ୱ କୁମ୍ଭକାର ପରିବାର ନିଜର କୌଳିକ ବୃତ୍ତି ଜରିଆରେ ପରିବାର ପ୍ରତିପୋଷଣ କରୁଛନ୍ତି । ହେଲେ ନା ସେମାନଙ୍କୁ ମିଳୁଛି ସରକାରୀ ପ୍ରୋତ୍ସାହନ ନା ସେମାନଙ୍କ ପାଇଁ ବିକ୍ରିବ୍ୟବସ୍ଥା ରହିଛି ଯାହାରି ଫଳରେ ସେମାନେ ଏବେ ନିଜ କୌଳିକ ବୃତ୍ତିରୁ ମୁହଁ ଫେରାଉଛନ୍ତି । ମାଟିରେ ପସ୍ତୁତ ସାମଗ୍ରୀର ବିକ୍ରିବଟା ବ୍ୟବସ୍ଥା ନଥିବାରୁ ଡିସେମ୍ବରରୁ ଏପ୍ରିଲ ମାସ ବ୍ୟତୀତ ଅନ୍ୟ ମାସ ମାନଙ୍କରେ କୁମ୍ଭକାର ପରିବାର ମାନେ ହାତ ବାନ୍ଧିରହୁଥିବା ନେଇ ଅଭିଯୋଗ କରିଛନ୍ତି।






# ‘ଜୟେଶଭାଇ ଜୋରଦାର’

ନିକଟରେ ରିଲିଜ ହୋଇଛି ଫିଲ୍ମ ‘ଜୟେଶଭାଇ ଜୋରଦାର’ର ଜବରଦସ୍ତ ଟ୍ରେଲର। ଏହି ଟ୍ରେଲରକୁ ଦର୍ଶକ ଏବଂ କ୍ରିଟିକ୍ସଙ୍କ ଭଲ ରେସ୍‌ପନ୍ସ ମିଳିଛି। ରଣବୀର ସିଂହ ଓ ଶାଲିନୀ ପାଣ୍ଡେଙ୍କ ଏହି ଫିଲ୍ମ ଦେଖିବା ପାଇଁ ଦର୍ଶକ ଅପେକ୍ଷା କରି ବସିଛନ୍ତି। ତେବେ ଏହାରି ଭିତରେ ରିଲିଜ ପୂର୍ବରୁ ଆଇନ ଜାଲରେ ଫସିଛି ଫିଲ୍ମ। ଏହି ଫିଲ୍ମକୁ ନେଇ ଦେଖା ଦେଇଛି ବିବାଦ। ଫିଲ୍ମର ଟ୍ରେଲରରେ ଦେଖାଯାଇଥିବା ଗର୍ଭସ୍ଥ ଶିଶୁର ଲିଙ୍ଗ ପରୀକ୍ଷାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏହି ଦୃଶ୍ୟକୁ ଫିଲ୍ମରୁ ହଟାଇବା ଦାବିରେ ଦିଲ୍ଲୀ ହାଇକୋର୍ଟରେ ଆବେଦନ ହୋଇଛି। ଏହି ଫିଲ୍ମରେ ରଣବୀର ସିଂହ ଜୟେଶଭାଇ ପଟେଲ ଚରିତ୍ରରେ ନଜର ଆସିବେ। ଏଥିରେ ସେ ଜଣେ ଗୁଜରାଟି ବ୍ୟକ୍ତିଙ୍କ ଭୂମିକାରେ ଅଭିନୟ କରିବେ। ଯାହାଙ୍କ ବିବାହ ମୁଦ୍ରା ପଟେଲ(ଶାଲିନୀ ପାଣ୍ଡେ)ଙ୍କ ସହ ହୁଏ। ବିବାହ ପରେ ସେ ନିଜ ଜନ୍ମ ନେଇନଥିବା ଗର୍ଭସ୍ଥ ଶିଶୁର ଜୀବନ ବଞ୍ଚାଇବା ପାଇଁ ସଂଘର୍ଷ କରନ୍ତି। ମୁଦ୍ରାଙ୍କ ପେଟରେ ଲିଙ୍ଗ ପରୀକ୍ଷା ପରେ କନ୍ୟା ସନ୍ତାନ ଥିବା ଜଣାପଡିବା ପରେ ଜୟେଶଭାଇଙ୍କ ପରିବାର ଲୋକେ ଉକ୍ତ ଶିଶୁକୁ ମାରିବା ପାଇଁ ଚେଷ୍ଟା କରନ୍ତି। ଏହି ଦୃଶ୍ୟକୁ ନେଇ ହିଁ ଦିଲ୍ଲୀ ହାଇକୋର୍ଟରେ ମାମଲା ଦାୟର ହୋଇଛି। ଓକିଲ ପବନ ପ୍ରକାଶ ପାଠକ ଦିଲ୍ଲୀ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରିଛନ୍ତି। ସେ କହିଛନ୍ତି ଯେ ଗର୍ଭସ୍ଥ ଶିଶୁର ଲିଙ୍ଗ ପରୀକ୍ଷା କରିବା ଆଇନଗତ ଅପରାଧ। ଏହିପରି ଜିନିଷକୁ ପ୍ରୋତ୍ସାହିତ କରୁଥିବା ଦୃଶ୍ୟଗୁଡିକ ନିଶ୍ଚିତ ରୂପେ ଫିଲ୍ମରୁ ହଟାଯିବ ବୋଲି ମୋର ଆଶା। କାର୍ଯ୍ୟକାରୀ ପ୍ରଧାନ ବିଚାରପତି ବିପିନ୍ ସାଙ୍ଘି ଏବଂ ଜଷ୍ଟିସ୍ ନବୀନ ଚାୱଲାଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ଫିଲ୍ମ ‘୮୩’ ପରେ ଏହା ରଣବୀର ସିଂହଙ୍କ ପ୍ରଥମ ଫିଲ୍ମ ହେବ ଯାହାକୁ ବଡ ପରଦାରେ ରିଲିଜ କରାଯିବ। ଯଶ୍ ରାଜ ଫିଲ୍ମ ବ୍ୟାନର ତଳେ ନିର୍ମିତ ଏହି ଫିଲ୍ମର କାହାଣୀ କନ୍ୟା ସନ୍ତାନଙ୍କ ଉପରେ ଆଧାରିତ। ଝିଅ ଅପେକ୍ଷା କିଭଳି ପୁଅକୁ ଅଧିକ ଗୁରୁତ୍ୱ ଦିଆଯାଉଛି ତାହା ଏହି ଫିଲ୍ମରେ ଦର୍ଶାଯାଇଛି। ଦିବ୍ୟାଙ୍ଗ ଠକ୍କର ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି।



# ମହାକାଶରେ ତିଆରି ହେଉଛି ସ୍ପେସ୍ ହୋଟେଲ



ଛୁଟି କାଟିବାକୁ ଗଲେ ପ୍ରାୟତଃ ଆମ ଭାରତୀୟଙ୍କୁ ଶିମଲା-ମନାଲୀ କିମ୍ବା କୌଣସି ହିଲ୍ ଷ୍ଟେସନ୍ ଯିବାକୁ ଖୁବ୍ ଭଲ ଲାଗେ। ଆଉ କେଉଁଠି ରହିବା କଥା ଆସିଲେ ପ୍ରାୟତଃ ଅନେକ ୫ ତାରକା ଓ ୭ ତାରକା ହୋଟେଲକୁ ଯାଇଥାନ୍ତି। କିନ୍ତୁ କ’ଣ କେବେ ଭାବିଛନ୍ତି, ଏଭଳି ଏକ ହୋଟେଲ ଥାଇପାରେ, ଯାହାକି ପୃଥିବୀ ଉପରେ ନୁହେଁ, ମାଟିଠାରୁ ବହୁତ ଉପରେ ରହିଥିବ। ଏହି ହୋଟେଲ ପୃଥିବୀ ଉପରେ ନୁହେଁ, ବରଂ ମହାକାଶରେ ରହିଛି। ଆପଣ ବୋଧହୁଏ ଆହୁରି ରୋମାଞ୍ଚିତ ହେବେ। ଶୁଣି ଆଶ୍ଚର୍ଯ୍ୟ ଲାଗୁଥାଇପାରେ। ସ୍ପେସ୍ କମ୍ପାନୀ ଅର୍ବିଟଲ ଆସେମ୍ବଲି ଏହି ହୋଟେଲର କାମ ଆରମ୍ଭ କରୁଛି। ଆମେରିକାର ଏହି କମ୍ପାନୀ ନିଜର ସ୍ପେସ୍ ହୋଟେଲକୁ ନେଇ ଅନେକ ତଥ୍ୟ ସେୟାର କରିଛି, ଯାହା ଉପରେ ୨୦୧୯ ରୁ କାମ ଚାଲିଛି। କାଲିଫର୍ନିଆର ଏହି କମ୍ପାନୀ ଗେଟୱେ ଫାଉଣ୍ଡେସନ୍ ଦ୍ୱାରା ଏହି ହୋଟେଲର ଡିଜାଇନ୍ ଓ ସ୍ୱତନ୍ତ୍ରତାକୁ ଦେଖି ଫିଚର ପ୍ରସ୍ତୁତ କରିଛି। ଏହି ପ୍ରୋଜେକ୍ଟର ଦେଖାଶୁଣା ଏବେ ଅର୍ବିଟଲ ଆସେମ୍ବଲି କର୍ପୋରେସନ୍ କରୁଛି। ରିପୋର୍ଟ ଅନୁସାରେ, ଅର୍ବିଟଲ ଆସେମ୍ବଲି ଏବେ ଟୁରିଷ୍ଟଙ୍କ ପାଇଁ ନୁହେଁ ବରଂ ୨ ମହାକାଶ ଷ୍ଟେସନ୍‌କୁ ଲଞ୍ଚ କରିବାର ପ୍ରସ୍ତୁତିରେ ରହିଛି। ଭାୟେଜର ଷ୍ଟେସନ୍ (ନୂଆ ନାମ)ରେ ଏପର୍ଯ୍ୟନ୍ତ ୪୦୦ ଲୋକଙ୍କର ରହିବାର କ୍ଷମତା ରହିଛି। ଏହାକୁ ୨୦୨୭ ରେ ଆରମ୍ଭ କରିବାର ଲକ୍ଷ୍ୟ ରଖାଯାଇଛି। ସେଭଳି ଏହି ଷ୍ଟେସନ୍‌ର ନାଁ ପାୟାନିୟର ଷ୍ଟେସନ୍ ରଖାଯାଇଛି ଓ ଏଥିରେ ୨୮ ଜଣ ଲୋକ ଆସିପାରିବେ। ଏହାକୁ ଆଗାମୀ ୩ ବର୍ଷରେ ଅର୍ଥାତ ୨୦୨୫ ରେ ଆରମ୍ଭ କରିବାର ଲକ୍ଷ୍ୟ କମ୍ପାନୀ ରଖିଛି।

# ବହି ପଢ଼ିଲେ ଜେଲ୍‌ରୁ ମୁକ୍ତ ହେଉଛନ୍ତି କଏଦୀ



ଜେଲରେ ଯେଉଁ ଅପରାଧୀ ବହି ପଢୁଛନ୍ତି ସେମାନଙ୍କୁ ଜେଲରୁ ମୁକ୍ତ କରାଯାଉଛି। ହୁଏତ ଆପଣ ଏହାକୁ ଶୁଣି ଆଶ୍ଚର୍ଯ୍ୟ ହେଉଥିବେ। ହେଲେ ଏଭଳି ଏକ ଦେଶ ବୋଲଭିଆ ଯେଉଁଠି କଏଦୀମାନେ ବହି ପଢ଼ିବା ଦ୍ୱାରା ସେମାନଙ୍କୁ ଜେଲରୁ ମୁକ୍ତ କରାଯାଉଛି। ଏମିତିକି କଏଦୀମାନଙ୍କୁ ବହି ପଢ଼ିବା ପାଇଁ ଜେଲ କର୍ତ୍ତୃପକ୍ଷ ଉତ୍ସାହିତ ମଧ୍ୟ କରିଥାନ୍ତି। ଏହି ଅଭିଯାନର ନାଁ ରଖାଯାଇଛି ବୁକ୍ସ ବିହାଇଣ୍ଡ ବାର। ବୋଲିଭିଆର ଅଧିକ କଏଦୀ ଥିବା ଜେଲର ବନ୍ଦୀମାନଙ୍କ ସଂଖ୍ୟାକୁ ନିୟନ୍ତ୍ରଣ କରିବାକୁ ନୂଆ ପ୍ରୟାସ କରାଯାଉଛି। ଏକ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ବୋଲିଭିଆରେ ମୃତ୍ୟୁଦଣ୍ଡ କିମ୍ବା ଆଜୀବନ କାରାଦଣ୍ଡ ନାହିଁ। ଏଭଳି ସ୍ଥିତିରେ ବନ୍ଦୀମାନେ ଏହି ପଦ୍ଧତିକୁ ବହୁତ ପସନ୍ଦ କରନ୍ତି। ଏଥି ସହିତ ଜେଲ ପ୍ରଶାସନ ମଧ୍ୟ ଏହି ଅଭିଯାନକୁ ସଫଳ କରିବା ପାଇଁ ଉତ୍ସାହିତ କରିଥାନ୍ତି। ବୋଲଭିଆର ସବୁ ସ୍ଥାନରେ ‘ବୁକ୍ସ ବିହାଇଣ୍ଡ’ ଯୋଜନାକୁ ନେଇ ଚର୍ଚ୍ଚା ହେଉଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଜେଲରେ ଥିବା କଏଦୀମାନେ ମୁକ୍ତ ହେବାର କିଛି ଦିନ କିମ୍ବା କିଛି ସପ୍ତାହ ପୂର୍ବରୁ ଜେଲରୁ ବାହାରିବାର ସୁଯୋଗ ପାଇପାରିବେ। ଦେଶର ୪୭ ଟି ଜେଲରେ ଏହି କାର୍ଯ୍ୟକ୍ରମ ଏକକାଳୀନ ଭାବେ ଆରମ୍ଭ ହୋଇଛି।

# ବିରିୟାନୀ ସହ ଖାଇଗଲେ ଦେଢ଼ ଲକ୍ଷର ସୁନା ଗହଣା

ବିରିୟାନୀ ଖାଇବା ନିଶା। ବିରିୟାନୀ ଖାଉ ଖାଉ ଗିଳି ଗଲେ ସୁନା ଗହଣା। ପାଖାପାଖି ଦେଢ଼ ଲକ୍ଷର ସୁନା ଗହଣା ଖାଇଗଲେ ବ୍ୟକ୍ତି। ଏଭଳି କିଛି ଘଟଣା ଘଟିଛି ତାମିଲନାଡୁରେ। ତାମିଲନାଡୁର ଜଣେ ୩୨ ବର୍ଷୀୟ ବ୍ୟକ୍ତି ଜଣେ ବନ୍ଧୁଙ୍କ ଇଦ୍ ପାର୍ଟିରେ ଯୋଗଦେଇ ବିରିୟାନୀ ସହ ସୁନା ଗହଣା ଖାଇଯାଇଛନ୍ତି। ସୂଚନା ମୁତାବକ, ମେ’ ୩ ତାରିଖରେ ଏକ ଅଳଙ୍କାର ଦୋକାନରେ କାମ କରୁଥିବା ଜଣେ ବ୍ୟକ୍ତି ଇଦ୍ ପାର୍ଟିର ଆୟୋଜନ କରିଥିଲେ। ସେ ଏହି ପାର୍ଟିକୁ ତାଙ୍କର ଜଣେ ବାନ୍ଧବୀ ଓ ତାଙ୍କ ପ୍ରେମିକଙ୍କୁ ନିମନ୍ତ୍ରଣ କରିଥିଲେ। ତେବେ ଏହି ପାର୍ଟିରେ ପରସା ଯାଇଥିବା ବିରିୟାନୀ ସମେତ ୧.୪୫ ଲକ୍ଷ ଟଙ୍କାର ସୁନା ଗହଣା ମଧ୍ୟ ଗିଳି ଯାଇଥିଲେ ଉକ୍ତ



ବାନ୍ଧବୀଙ୍କ ପ୍ରେମିକ। ପୁଲିସ କହିବା ମୁତାବକ, ଏଭଳି କରିବା ସମୟରେ ସେ ନିଶାସକ୍ତ ଅବସ୍ଥାରେ ଥିଲେ। ତେବେ ଇଦ୍ ପାର୍ଟି ସରିବା ଓ ଅତିଥିମାନେ ଯିବା ପରେ ଉକ୍ତ ପାର୍ଟି ଆୟୋଜନ କରିଥିବା ବ୍ୟକ୍ତି ଜଣକ ତାଙ୍କ ଆଲମାରୀରୁ କିଛି ଅଳଙ୍କାର ଗାଏବ ହୋଇଥିବା ଜାଣିବାକୁ ପାଇଥିଲେ। ଏହାପରେ ସେ ସମସ୍ତ ଅତିଥିଙ୍କ ଯାଞ୍ଚ କରିଥିଲେ। ପରେ ବାନ୍ଧବୀଙ୍କ ପ୍ରେମିକ ଉପରେ ତାଙ୍କର ସନ୍ଦେହ ହୋଇଥିଲା। ଏନେଇ ସେ ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ପରେ ମେ’ ୪ ତାରିଖରେ ବିରାୟାନୀ ସହ ସୁନା ଗିଳି ଦେଇଥିବା ଉକ୍ତ ୩୨ ବର୍ଷୀୟ ବ୍ୟକ୍ତିଙ୍କୁ ପୁଲିସ ଥାନାକୁ ଡକାଇଥିଲା। ଜେରା ପରେ ସେ ପୁଲିସ ଆଗରେ ସବୁ କଥା ସ୍ୱୀକାର କରିଥିଲେ। ଏହାପରେ ସ୍କାନିଂରୁ ତାଙ୍କ ପେଟରେ ସୁନା ଗହଣା ଥିବା ଜଣାପଡିଥିଲା। ଗୁରୁବାର ଦିନ ଡାକ୍ତରମାନେ ‘ଏନିମା’ ପ୍ରୟୋଗ କରି ତାଙ୍କ ପେଟରୁ ୯୫,୦୦୦ ଟଙ୍କାର ଗଳାହାର ଓ ୨୫୦୦୦ ଟଙ୍କା ମୂଲ୍ୟର ସୁନା ବାହାର କରିଥିଲେ। ବାସ୍ତବ ଘଟଣା ଜାଣିବା ପରେ ‘ଇଦ୍ ପାର୍ଟି’ର ଆୟୋଜିକା ନିଜ ଅଭିଯୋଗ ପ୍ରତ୍ୟାହାର

# ୬ବର୍ଷ ଶିଶୁ ପାଇଁ ମା’ ତିଆରି କଲେ ଟାଇମ୍ ଟେବୁଲ

ପିଲାମାନଙ୍କ ଖାଇବା, ପିଇବା ପାଠପଢ଼ିବାକୁ ନେଇ ସମସ୍ତ ବାପା-ମା’ଙ୍କ ଚିନ୍ତା ରହିଥାଏ। କାରଣ ସେମାନେ ନିଜସ୍ୱ ଟାଇମ୍ ଟେବୁଲ୍ ତିଆରି କରନ୍ତି ନାହିଁ ଏବଂ ଯଦିଓ ସେମାନେ କରନ୍ତି, ତାହାକୁ ଅନୁସରଣ କରିବାକୁ ରାଜି ହୋଇ ନଥାଆନ୍ତି। ପିଲାମାନେ କେତେବେଳେ ଉଠିବେ, କେତେବେଳେ ଜଳଖିଆ ଖାଇବା, କେତେବେଳେ ଗାଧୋଇବା, କେତେବେଳେ ଅଧ୍ୟୟନ କରିବେ ଏବଂ କେତେବେଳେ ଶୋଇବେ ସେନେଇ କୌଣସି ନିର୍ଦ୍ଦିଷ୍ଟ ସମୟ ନିଶ୍ଚିତ ହୋଇ ନଥାଏ। ଏହି କାରଣରୁ ପିଲାଙ୍କୁ ନେଇ ବାପା-ମା’ମାନେ ଚିନ୍ତାରେ ପଡ଼ି ଯାଇଥାଆନ୍ତି। ସୋସିଆଲ ମିଡିଆରେ ଜଣେ ମା’ ତାଙ୍କ ପିଲା ପାଇଁ ଏକ ଟାଇମ ଟେବୁଲ ତିଆରି କରିଛନ୍ତି। ଯାହାକି ଭାଇରାଲ ହେବାରେ ଲାଗିଛି। ଫଟୋ ସହିତ ଥିବା କ୍ୟାପସନରେ ଲେଖା ହୋଇଛି, ‘ମୁଁ ଏବଂ ମୋର ୬ ବର୍ଷ ଶିଶୁ ଆଜି ଏକ ଚୁକ୍ତିନାମା ସ୍ୱାକ୍ଷର କରିଛୁ, ଯାହା ତାର ଦୈନନ୍ଦିନ କାର୍ଯ୍ୟସୂଚୀ ଏବଂ କାର୍ଯ୍ୟଦକ୍ଷତା ଲିଙ୍କ୍ ବୋନସ୍ ଉପରେ ଆଧାରିତ। ଅର୍ଥାତ ମାଆ ଶିଶୁର ସମ୍ମତି ସହିତ ଟାଇମ ଟେବୁଲ୍ ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ଶିଶୁର ଖେଳିବା, ଖାଇବା ପିଇବା, କ୍ଷୀର ପିଇବାର ସମୟ ଆଦି ଅନ୍ତର୍ଭୁକ୍ତ ରହିଛି। ଟାଇମ୍ ଟେବୁଲରେ ଲେଖାହୋଇଛି ଯେ ଆଲାରାମ ସମୟ ସକାଳ ୭.୫୦ ଥିବାବେଳେ ଉଠିବା ସମୟ ସକାଳ ୮.୦୦ ରଖାଯାଇଛି। ଏହା ପରେ ବ୍ରଶ୍, ଜଳଖିଆ, ଟିଭି ଦେଖିବା, ଫଳ ଖାଇବା, ଖେଳିବା, କ୍ଷୀର ପିଇବା, ଟେନିସ୍ ଖେଳିବା, ହୋମୱାର୍କ କରିବା, ରାତ୍ରି ଭୋଜନ, ସଫା କରିବା, ଶୋଇବା ସମୟ ଇତ୍ୟାଦି ଲେଖାଯାଇଛି। କେବଳ ଏତିକି ନୁହେଁ, ମଜାଳିଆ କଥା ହେଉଛି ଯଦି ଦିନସାରା ଭିତରେ ନକାନ୍ଦି, ପାଟି ନକରି, କିଛି ଭଙ୍ଗାରୁଜା ନକରି ବିତି ଯାଏ ତେବେ ୧୦ଟଙ୍କା ମିଳିବ ବୋଲି ଉକ୍ତ ଟାଇମ ଟେବୁଲରେ ଉଲ୍ଲେଖ ରହିଛି। ସେହିପରି ଏହି ଟାଇମ ଟେବୁଲକୁ ଅନୁସରଣ କରି ନକାନ୍ଦି, ନଚିଲାଇ ଓ କାହା ସହ ଝଗଡ଼ା ନକରି କ୍ରମାଗତ ୭ ଦିନ ବିତାଯାଏ ତେବେ ୧୦୦ ଟଙ୍କା ମିଳିବ ।

# ମନାଲିରେ ଖୁସିରେ ନାଚିଲେ ଭୂମି



କ୍ୟାରିଅରରେ ପ୍ରଥମ ଥର ମନାଲିରେ ଫିଲ୍ମ ସୁଟିଂ କରିବାକୁ ଯାଉଥିବାରୁ ଖୁସିରେ ନାଚୁଛନ୍ତି ବଲିଉଡ୍ ନାୟିକା ଭୂମି ପେଡ୍‌ନେକର। ଅଜୟ ବହଲଙ୍କ ଥ୍ରିଲର ଫିଲ୍ମ ‘ଦ ଲେଡି କିଲର’ର ସୁଟିଂ ସେ ମନାଲିରେ ଆରମ୍ଭ କରିଛନ୍ତି। ଏଥିରେ ସେ ଅଭିନେତା ଅର୍ଜୁନ କପୁରଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି। ଫିଲ୍ମଟି ଛୋଟ ସହରର ଜଣେ ପ୍ଲେ ବଏର କାହାଣୀ ବର୍ଣ୍ଣନା କରିବ। ସେହି ଚରିତ୍ର ନିର୍ବାହ କରିଛନ୍ତି ଅର୍ଜୁନ କପୁର। ଇତିମଧ୍ୟରେ ଜଣେ ସୁନ୍ଦରୀ ପ୍ରେମରେ ସେ ପଡ଼ିଯାଇଛନ୍ତି। ଏହି ଭୂମିକାରେ ଅଭିନୟ କରିଛନ୍ତି ଭୂମି। ଉଭୟ ଏକ ଭଉଁରି ଭିତରେ ରୋମାନ୍ସ କରୁଛନ୍ତି। ସିନେ କ୍ୟାରିଅରରେ ପେସା କିଭଳି ଭାବେ ବିଭିନ୍ନ ସ୍ଥାନ ଭ୍ରମଣର ସୁଯୋଗ ଦେଇଛି, ଭୂମି ସେ ବିଷୟରେ ବର୍ଣ୍ଣନା କରିଛନ୍ତି । ସେ କହନ୍ତି ‘ମୁଁ ବହୁତ ଖୁସି ଯେ ମୋ ପେସା ମୋତେ ଅନେକ ସ୍ଥାନକୁ ନେଉଛି ଏବଂ ସୁନ୍ଦର ଓ ଚମତ୍କାର ସ୍ଥାନର ସୌନ୍ଦର୍ଯ୍ୟ ଓ ସଂସ୍କୃତିରେ ବୁଡ଼ିବାର ସୁଯୋଗ ଦେଉଛି। କ୍ୟାରିଅରରେ ପ୍ରଥମ ଥର ମନାଲିରେ ସୁଟିଂ ପାଇଁ ମୁଁ ଉତ୍ସାହର ସହ ଅପେକ୍ଷା କରିଛି। ଜଣେ ସୃଜନଶୀଳ ବ୍ୟକ୍ତି ଭାବେ ମୋର ଭ୍ରମଣ ମୋତେ ଗଭୀର ଭାବେ ପ୍ରେରିତ କରେ। ‘ଦ ଲେଡି କିଲର’ ପ୍ରସ୍ତୁତିରେ ବହୁତ କଠିନ ପରିଶ୍ରମ କରୁଛି। ଏହାର କାହାଣୀ ବାସ୍ତବରେ ଚମତ୍କାର। କେବେ ପରଦାରେ ଦେଖାଇ ନ ଥିବା ମୋ କଳାର ଆଉ ଏକ ଦିଗ ଦେଖାଇବାକୁ ଏହା ମୋତେ ସୁଯୋଗ ଦେଇଛି। ଅର୍ଜୁନଙ୍କ ସହ ମଧ୍ୟ ଏହା ମୋର ପ୍ରଥମ ଫିଲ୍ମ। ଅଜୟଙ୍କର ଏହି କାହାଣୀକୁ ଜୀବନ୍ତ ଫୁଟାଇବା ପାଇଁ ଆମେ କିଭଳି ସୃଜନଶୀଳ ଭାବେ ଏକତ୍ର ହେଉଛୁ, ତାହା ଦେଖିବାକୁ ମୁଁ ବେଶ ଉତ୍ସୁକ।’ ଭୂମିଙ୍କ ହାତରେ ଏବେ ଏକାଧିକ ପ୍ରୋଜେକ୍ଟ ରହିଛି । ଅନୁଭବ ସିହ୍ନାଙ୍କ ‘ଭିଡ୍’, ଶଶାଙ୍କ ଖୈତାନଙ୍କ ‘ଗୋବିନ୍ଦା ନାମ୍ ମେରା’, ଅକ୍ଷୟ କୁମାର ଷ୍ଟାରର ‘ରକ୍ଷା ବନ୍ଧନ’, ସୁଧିର ମିଶ୍ରାଙ୍କ ‘ଅଫୱା’ ଓ ଗୌରୀ ଖାନ୍‌ଙ୍କ ‘ଭକ୍ଷକ’ରେ ସେ ନଜର ଆସିବେ।




# ବେଦାନ୍ତ କାଳିଙ୍ଗା ଲାନ୍ସର୍ସ ଦିଲ୍ଲୀର ଏସ ଜି ପାଇପର୍ କାଳିଙ୍ଗା ଲାନ୍ସର୍ସ ରାଲିରେ ସୁଟଆଉଟ୍ ଜିତି ୫-ସ୍ତରକୁ ଉତ୍ତିର୍ଣ୍ଣ

ରାଉରକେଲା, (ପି.ଏନ) : ଦ୍ୱିତୀୟ ପର୍ଯ୍ୟାୟରେ ଦିଲ୍ଲୀ ଏସ.ଜି ପାଇପର୍ସ ବିପକ୍ଷରେ ସୁଟଆଉଟ୍ ୩-୨ ଜିତିବା ପୂର୍ବରୁ ବେଦାନ୍ତ କାଳିଙ୍ଗା ଲାନ୍ସର୍ସ ରାଲିରେ ୫-ସ୍ତରରେ ପହଞ୍ଚିବାରେ ସାହାଯ୍ୟ କରିବା ପାଇଁ ଥିଏରି ବ୍ରଙ୍କମ୍ୟାନ୍ ଏବଂ ଆଲେକ୍ସଜାଣ୍ଡାର୍ ହେଣ୍ଡ୍ରିକ୍ସ ଦୁଇଟି ଗୋଲ୍ ସ୍କୋର କରିଥିଲେ। ରବିବାର ଏଠାରେ ଥିବା ବିର୍ସା ମୁଣ୍ଡା ଷ୍ଟାଡିୟମରେ ହିରୋ ହକି ଇଣ୍ଡିଆ ଲିଗର।ଗୁରୁବାର ପ୍ରଥମ ପର୍ଯ୍ୟାୟ ବୈଠକରେ ପାଇପର୍ସଙ୍କୁ ୫-୧ ଗୋଲରେ ପରାସ୍ତ କରିଥିବା କାଳିଙ୍ଗା ଲାନ୍ସର୍ସ ଦ୍ୱାଦଶ ମିନିଟରେ ହେଣ୍ଡ୍ରିକ୍ସର ପେନାଲ୍ଟି କର୍ଣ୍ଣର ଦେଇ ପ୍ରଥମ ସ୍କୋର ଟାଣିଥିଲେ। ତେବେ ଦ୍ୱିତୀୟ କ୍ୱାର୍ଟରରେ ଟୋମାସ୍ ଡୋମେନଙ୍କ ଦୁଇଟି ଗୋଲ୍ ଏବଂ କୋରୀ ୱେୟାର ଏବଂ କୋଜି ୟାମାସାକି ଗୋଟିଏ ଲେଖାଏଁ ଗୋଲ୍ ଦେଇ ପାଇପର୍ସ ଚାରିଥର ସ୍କୋର କରି



ଅର୍ଦ୍ଧଶତକ ହାସଲ କରିଥିଲେ।ତୃତୀୟ କ୍ୱାର୍ଟରରେ ଡୋମେନ୍ ଦିଲରାଜ ସିଂଙ୍କୁ ସେଟ୍ ଅପ୍ କରିବା ପୂର୍ବରୁ ବ୍ରଙ୍କମ୍ୟାନ୍ ମ୍ୟାଚ୍ ର ପ୍ରଥମ ଗୋଲ୍ ସ୍କୋର କରିଥିଲେ କାରଣ ଫାଇନାଲ୍ କ୍ୱାର୍ଟରରେ ପାଇପର୍ସ ୫-୨ ଅଗ୍ରଣୀ ହାସଲ କରିଥିଲେ। ଅବଶ୍ୟ, ଆଣ୍ଟୋଏନ୍ କିନା ଟୁର୍ନାମେଣ୍ଟର ଅଷ୍ଟମ ଗୋଲ୍ ସେଟ୍ କରିବା ପରେ ଏବଂ ପରେ ଅଙ୍ଗଦ ବିର୍ ସିଂଙ୍କ ୪୯ ମିନିଟରେ ଗୋଲ୍ ସ୍କୋର କରିବା ପୂର୍ବରୁ ହେଣ୍ଡ୍ରିକ୍ସ କାଳିଙ୍ଗା ଲାନ୍ସର୍ସଙ୍କ ପାଇଁ ଏକ ପେନାଲ୍ଟି କର୍ଣ୍ଣରକୁ ରୂପାନ୍ତର କରିବା ପୂର୍ବରୁ ଏକ ମ୍ୟାଜିକାଲ୍ ୱେଵ୍ ସ୍ୱନ୍ କରିଥିଲେ।କୋଚ୍ ଭାଲେଣ୍ଟାଇନ୍ ଆଲଟ୍ନେବର୍ଗ କହିଛନ୍ତି, "ଦ୍ୱିତୀୟାର୍ଦ୍ଧରେ ଆମ ଦଳ ଦେଖାଇଥିବା ମନୋଭାବରେ ଅତ୍ୟନ୍ତ ପ୍ରଭାବିତ ହୋଇ, ନିୟନ୍ତ୍ରଣକୁ ପୁନଃପ୍ରାପ୍ତ କରି, କାଳିଙ୍ଗା ଲାନ୍ସର୍ସ ଷ୍ଟାଇଲ୍ ହକି ଖେଳିବା ସହ ଅତି ସାହସୀ ମଧ୍ୟ ହୋଇଥିଲି।"ଆମେ ଦେଖିଲୁ ଖେଳାଳିମାନେ ଚାପ ବଢ଼ିବା ସହିତ ଟେବୁଲକୁ ଯାଉଛନ୍ତି। ଏହା ଏକ ଡ୍ରମର ଖେଳ ଥିଲା, ଆଜି ରାତିରେ ଜିତିବା ଆବଶ୍ୟକ। ଏହା ଅତ୍ୟନ୍ତ ପ୍ରେରଣାଦାୟକ ଏବଂ ପ୍ରକୃତ ଦଳ ଉଦ୍ୟମ ବୋଲି ସେ କହିଛନ୍ତି।କାଳିଙ୍ଗା ଲାନ୍ସର୍ସର ବବି ସିଂ ଧାମିଙ୍କୁ ଖେଳାଳି ଅଫ୍ ଦି ମ୍ୟାଚ୍ ଘୋଷିତ କରାଯାଇଥିଲା। କାଳିଙ୍ଗା ଲାନ୍ସର୍ସ, ଯିଏକି ବର୍ତ୍ତମାନ ଆଠଟି ମ୍ୟାଚରୁ ୧୨ ପଏଣ୍ଟ ପାଇଛନ୍ତି, ପରବର୍ତ୍ତୀ ଜାନୁଆରୀ ୨୪ ରେ ଶ୍ରାଚି ରାହ ବଙ୍ଗଳା ଟାଇଗରଙ୍କୁ ଭେଟିବେ।

# ଡାକ୍ତର ଦେବେନ୍ଦ୍ର ପ୍ରଧାନ ମୋ ପାଇଁ ପ୍ରେରଣାଦାୟୀ - ଇଂ. ଦେବାଶିଷ ହୋତା



ଢେଙ୍କାନାଳ ,(ପି.ଏନ): ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନ ମୋତେ ବ୍ୟକ୍ତିଗତ ଭାବରେ ଅନେକ ପ୍ରେରଣା ଦେଇଛନ୍ତି ବୋଲି ଆଜି ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ବିଜେପି ନେତା ଇଂ. ଦେବାଶିଷ ହୋତା ପ୍ରକାଶ କରିଛନ୍ତି । ଡା. ପ୍ରଧାନ ଙ୍କର ମୃତ୍ୟୁ ଖବର ପାଇ ମୁଁ ସ୍ତବ୍ଧ ।

ମୁଁ ଏବଂ ମୋ ସ୍ତ୍ରୀ ଡା. ପ୍ରଧାନ ଙ୍କୁ ଶ୍ରଦ୍ଧାର ସହିତ 'ମଉସା' ବୋଲି ଡାକୁଥିଲୁ । କାରଣ ୧୯୮୨ ମସିହାରୁ ମୋ ପିଲାବେଳେ ସେ ମୋ ବାପା ଙ୍କର ଜଣେ ଭଲ ବନ୍ଧୁ ହିସାବରେ କ୍ରମାଗତ ଭାବେ ଆମ ଘରକୁ ଆସୁଥିଲେ । ଏପରିକି ୧୯୯୮ ମସିହାରେ ସେ ବାଜପେୟୀ ଙ୍କ ସରକାରରେ କେନ୍ଦ୍ର ମନ୍ତ୍ରୀ ଭାବରେ ଦାୟୀତ୍ୱ ନେବା ପରେ ମଧ୍ୟ ମୋ ବାପାମା ଙ୍କ ସହିତ ପୂର୍ବଭଳି ମିଶିବାକୁ କୁଣ୍ଠାବୋଧ କରୁ ନ ଥିଲେ । ଦିଲ୍ଲୀ ଏଆଇଆଇଏମ୍ଏସ୍ ରେ ମୋ ବାପା ଙ୍କର ହାର୍ଟ ଅପରେସନ୍ ସମୟରେ ଆମ ପୁରା ପରିବାର ତାଙ୍କର ଲୋଧି ରୋଡ ସ୍ଥିତ ସରକାରୀ ବାସଭବନରେ ୨ ମାସରୁ ଅଧିକ ସମୟ ରହିଥିଲୁ । ସାରା ରାଜ୍ୟର ଅନେକ ରୋଗୀ ମଧ୍ୟ ସେତେବେଳେ ସେଠାରେ ରହୁଥିଲେ । ନିଜ ପରିବାର ସଦସ୍ୟ ଙ୍କ ଭଳି ମଉସା ମାଉସୀ ଆମ ସମସ୍ତଙ୍କର ଯତ୍ନ ନିଅନ୍ତି । ସେ ସମୟରେ ଧର୍ମେନ୍ଦ୍ର ପ୍ରଧାନ ବିବାହ କରି ନ ଥିଲେ ଏବଂ ମୁଁ ବୁର୍ଲା ସ୍ଥିତ ୟୁସିଇ ରେ ଇଲେକ୍ଟ୍ରିକାଲ୍ ଇଂଜିନିୟରିଂ ପଢୁଥିଲି ।

ଡା. ପ୍ରଧାନ ଙ୍କ ସହିତ ମୁଁ ବିଭିନ୍ନ ସମୟରେ ଅନେକ ପ୍ରକାରର ଚର୍ଚ୍ଚା କରିବାର ସୌଭାଗ୍ୟ ପାଇଛି । କୌଣସି ପୃଷ୍ଠପୋଷକ ନ ଥାଇ ମଧ୍ୟ ସେ କିପରି ଜଣେ ଶକ୍ତିଶାଳୀ କେନ୍ଦ୍ର ମନ୍ତ୍ରୀ ହୋଇପାରିଲେ ବୋଲି ଥରେ ମୁଁ ତାଙ୍କୁ ପ୍ରଶ୍ନ କରିଥିଲି । ଡା. ପ୍ରଧାନ ମୋତେ କହିଥିଲେ ବିଜେପି ଆମ ରାଜ୍ୟରେ ଗୋଟିଏ ସାଇନବୋର୍ଡ୍ ପାର୍ଟି ବୋଲି କୌଣସି ଟାହିଟାପରାକୁ ଭୃକ୍ଷେପ ନ କରି ସେ ବିଜେପି ରେ ନିଷ୍ଠା ଏବଂ ବୁଦ୍ଧିର ସହିତ କାମ କରିଚାଲିବା ଯୋଗୁଁ ହିଁ ଏହା ସମ୍ଭବ ହୋଇପାରିଛି । ଡା. ପ୍ରଧାନ ଙ୍କ ଅନୁଯାୟୀ ତୁମେ ଯଦି କାହାକୁ କିମ୍ବା କୌଣସି ସଂଗଠନକୁ ତୁମ ଠାରୁ ଛୋଟ କରିବାକୁ ଚାହୁଁଛ ତେବେ ତୁମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ବଦନାମ୍ ନ କରି ତାଙ୍କ ଠାରୁ କାମରେ ବଡ ହେବାକୁ ଚେଷ୍ଟା କର । ଦେଖିବ ସେ ଆପେ ଛୋଟ ହୋଇଯିବେ । ମୁଁ ଡା. ପ୍ରଧାନ ଙ୍କର ପ୍ରଦର୍ଶିତ ଏହିଭଳି ବିଶିଷ୍ଟ ରାସ୍ତାକୁ ଆଜି ଯାଏଁ ଅନୁସରଣ କରିଚାଲିଛି ବୋଲି ଇଂ. ହୋତା ଇତ୍ୟ ବସରରେ ପ୍ରକାଶ କରିଛନ୍ତି ।

# ମୌଳିକ ଅଧିକାରରୁ ବଞ୍ଚିତ ଥିବା ଦୁଇ ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ

ରାୟଗଡ଼ା ,(ପି.ଏନ): କାଶିପୁର ବ୍ଲକ ଗୋରଖପୁର ପଞ୍ଚାୟତ ଠାରୁ ମାତ୍ର ୪ କି.ମି ରାସ୍ତା ଲାମ୍ବେରି ଏବଂ ଗୁମ୍ରାପୁଟ ଗ୍ରାମ। ଦେଶ ସ୍ୱାଧୀନତା ପୂର୍ବରୁ ଅବସ୍ଥିତ ଦୁଇଟି ଗ୍ରାମର ଚିତ୍ର ବଦଳୁ ନାହିଁ। ସ୍ୱାଧୀନତାର ୭୭ ବର୍ଷ ପରେ ବି ମୌଳିକ ଅଧିକାର ସ୍ୱାଦ ବାରି ପାରି ନାହାନ୍ତି। ଭାରତ ଦେଶକୁ ସମଗ୍ର ବିଶ୍ୱଗୁରୁ ଭାବେ ପରିଚିତ ଥିବା ବେଳେ ଗାଁରେ ସାମାନ୍ୟ ପିଇବା ପାଣି, ଅଙ୍ଗନୱାଡ଼ି, ଗମନା ଗମନ ବିଦ୍ୟୁତ୍ ଭଳି ସମସ୍ୟା ସରକାରୀ କଳର ଦାଇତ୍ୱ ହୀନତା ନା ବିଚରା ନିରୀହ ଗ୍ରାମବାସୀଙ୍କ ଭାଗ୍ୟର ବିଡମ୍ବନା ତାହା ପ୍ରଶ୍ନ ବାଚୀ।ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ହୋଇଛନ୍ତି କିନ୍ତୁ ଯାଉ ନାହାନ୍ତି, ରାସ୍ତା କଥା ନ କହିଲେ ଭଲ, ଦୀର୍ଘ ବର୍ଷ ଧରି ଲୋକ ବଣ ମଣିଷ ଭଳି ଜୀବନ ବଞ୍ଚି ଆସୁଥିଲେ। ଲୋକେ ଭାବିଥିଲେ ସରକାର ବଦଳିଲେ ଲୋକଙ୍କ ଭାଗ୍ୟ ବଦଳିଯିବ ହେଲେ ଲୋକଙ୍କ ସମସ୍ୟା ଅକଥନୀୟ। ଗ୍ରାମବାସୀ ମାନେ ଏଥି ପୂର୍ବରୁ ବାରମ୍ବାର ବ୍ଲକ ପ୍ରଶାସନ ମାଧ୍ୟମରେ ଜିଲ୍ଲାପାଳଙ୍କୁ ଗୁହାରି ଜଣାଇଥିଲେ ମଧ୍ୟ ଶାସନ କଳ ତରଫରୁ କୌଣସି ଆଶ୍ୱସନା ବଦଳରେ ନିରବତା ଲୋକଙ୍କୁ ବ୍ୟଥିତ କରିଛି।ପ୍ରତି ପାଞ୍ଚ ବର୍ଷରେ ଥରେ ରାଜନୈତିକ ଦଳୀୟ କର୍ମୀ ହେଉକି ଶାସନ କଳ ଭୋଟ ଦେଇ ସରକାର ଗଠନ ପାଇଁ ଆସି ଆମକୁ ଭଣ୍ଡାଇ ଚାଲିଛନ୍ତି। ପ୍ରଶାସନ ଅଧିକାରୀ ଦୁଇଟି ଗାଁରେ ପାଦ ଦେବା ସାତ ସପନ। ଦୁର୍ଭାଗ୍ୟବଶତଃ ଗତ ବର୍ଷ ଗୋଟିଏ ମାତ୍ର ନଳକୂପ ଜଳ ପାନ କରି ଲୋକେ ଡାଇରିଆ ଭଳି ମାରାତ୍ମକ ରୋଗରେ ସଂକ୍ରମିତ ହୋଇ ଗାଁର ଚାରି ଜଣ ପ୍ରାଣ ହରାଇଥିଲେ।ସେହି ସମୟରେ ଅର୍ଥାତ୍ ବର୍ଷେ ପୂର୍ବରୁ ଜନ ପ୍ରତିନିଧି ,ଶାସନ କଳ ଗାଁ କୁ ଯାଇ ମାଳ ମାଳ ପ୍ରତିଶ୍ରୁତି ସାଙ୍ଗକୁ ପୁଳାଏ ଫଟୋ ନେଇ ଗାଁ ଲୋକଙ୍କ ସମସ୍ୟା ସମ୍ବନ୍ଧେ ଖବର ପ୍ରକାଶିତ ହୋଇଥିଲା। ଗାଁ ଲୋକ କହିବା କଥା ଚାରିଜଣ ପ୍ରାଣ ହରାଇବାରୁ କାଳେ ଗାଁର ଛବି ବଦଳିଜିବ କିନ୍ତୁ ତା ପରିବର୍ତ୍ତେ ଗାଁ ଲୋକଙ୍କ ଦାରିଦ୍ର୍ୟତାର ଧଜିଆ ଉଡାଇବା ସହ ରାଜନୀତିକ ଫାଇଦା ନେବାକୁ ପଛେଇ ନଥିଲେ।ଚାରିଜଣଙ୍କ ପ୍ରାଣ ଗଲା ପରେ ଅନ୍ତତଃ ଗାଁର ଦୁଃଖ ଦୂର ହେବା



ଆସା ରଖିଥିବା ଗ୍ରାମବାସୀ ନିରାଶ ହୋଇ ଗତ ୫ ଡିସେମ୍ବର ମାସରେ ପୁଣି ବ୍ଲକ ପ୍ରଶାସନ ନିକଟରେ ନିଜ ସମସ୍ୟା ସମ୍ବନ୍ଧେ ଗୁହାରି କରିଥିଲେ ତଥାପି ପଥର ହୋଇଯାଇଛି ବ୍ଲକ ପ୍ରଶାସନର ହୃଦୟ। କୌଣସି କାର୍ଯ୍ୟାନୁଷ୍ଠାନ ନନେବା ଫଳରେ ଗତ କାଲି ଗ୍ରାମବାସୀ ବାଧ ହୋଇ ଆସନ୍ତା ୨୩ ତାରିଖରେ ଗାଁ ଠାରୁ ପଦଯାତ୍ରା କରି ବ୍ଲକ ସମ୍ମୁଖରେ ଦୁଇଟି ଗାଁ ସତ୍ୟାଗ୍ରହ ଆନ୍ଦୋଳନ କରିବା ପାଇଁ ଚରମ ନିଷ୍ପତି ନେଇଛନ୍ତି। ସୂଚନା ଥାଉ କି ଗ୍ରାମ ବାସୀଙ୍କ କୋହୀବା ଅନୁସାରେ ଜାନୁୟାରୀ ୨୫ ତାରିଖ ସୁଦ୍ଧା ପ୍ରଶାସନ କୌଣସି ସମାଧାନ ନକଲେ ୨୬ ତାରିଖରେ ସାଧାରଣ ତନ୍ତ୍ର ଦିବସରେ ଦେଶର ସମ୍ବିଧାନକୁ ସମ୍ମାନ ଜଣାଇ ସାମୁହିକ ପତାକା ଉତୋଳନ କରିବା ନିଷ୍ପତି ନେବା ସହ ପୁଣି ଆନ୍ଦୋଳନ ସ୍ଥଳରେ ଗାଁ ସଭା କରି କଠୋର ନିଷ୍ପତି ନେବା ପାଇଁ ଏମିତି କି ମରିବା ପଛେ ସାମ୍ବିଧାନିକ ଅଧିକାର ହାସଲ ବିନା ଗାଁ କୁ ଫେରିବୁ ନାହିଁ ଓ ସମ୍ପୂର୍ଣ ଆନ୍ଦୋଳନ ଅହିଂସା ଏବଂ ସାମ୍ବିଧାନିକ ପ୍ରକ୍ରିୟା ରେ ପରିଚାଳନା କରିବା ପାଇଁ ଗାଁ ସଭାରେ ନିଷ୍ପତି ନେଇ ପ୍ରଶାସନ ଏବଂ କାଶିପୁର ପୋଲିସ କୁ ସୂଚନା ଦେଇଥିବା ସୂଚନା ରହିଛି।

# ନିଖିଳ ଉତ୍କଳ ମୋହରିର ଦିବସ ପାଳିତ



ବାରିପଦା, (ପି.ଏନ) : ବାରିପଦା ମୋହରିର ସଂଘ ତରଫରୁ ନିଖିଳ ଉତ୍କଳ ମୋହରିର ଦିବସ ପାଳିତ ହୋଇଯାଇଛି। ସଂଘର ସଭାପତି ଶରତ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ସମାରୋହରେ ଉପସଭାପତି ଚତୁର୍ଭୁଜ ପାତ୍ର, ବରିଷ୍ଠ ସଦସ୍ୟ ମହାଦେବ ଦାସ, ଅରୁଣ କୁମାର ଘୋଷ ପ୍ରମୁଖ ଯୋଗଦେଇ ମୋହରୀର ମାନଙ୍କର ବହୁବିଧ ସମସ୍ୟା ଏବଂ ଏହାର ସମାଧାନ ବିଷୟରେ ଆଲୋଚନା କରିଥିଲେ। ସମାରୋହରେ ଶତାଧିକ ମୋହରିର ଉପସ୍ଥିତ ଥିବା ବେଳେ ମୋହରିର ସଂଘର କାର୍ଯ୍ୟକାରିଣୀ ସଦସ୍ୟ ପିତାମ୍ବର ମଲ୍ଲିକ, କୋଷାଧକ୍ଷ ଯତିନ ଚନ୍ଦ୍ର ଗିରି, ତ୍ରିଲୋଚନ କମିଲା, ବିବେକାନନ୍ଦ ସାହୁ, ମୃତ୍ୟୁଞ୍ଜୟ ସାହୁ, ମଙ୍ଗୁଲୁ ବିନ୍ଧାଣି, ବିଦ୍ୟାଧର ରାଜ, ଉଦୟ ନାୟକ, କପିଳେଶ୍ୱର ସାହୁ, ଚନ୍ଦ୍ର ମୋହନ ମହାନ୍ତ, କୁଆଁର ମାଝୀ ପ୍ରଶାନ୍ତ ନାଏକ ପ୍ରମୁଖ ନିଜନିଜର ବକ୍ତବ୍ୟ ରଖିଥିଲେ।ଶେଷରେ ଲକ୍ଷ୍ମୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ମୋଟରସାଇକେଲ ଧକ୍କାରେ ପଥଚାରୀ ମୃତ

ବେତନଟୀ, (ପି.ଏନ): ୧୮ନଂ ଜାତୀୟରାଜପଥ ଆଗ୍ରିଆ ଛକଠାରେ ସୋମବାର ଏକ ଦ୍ରୁତଗାମୀ ମୋଟରସାଇକେଲ ଧକ୍କାରେ ଜନୈକ ପଥଚାରୀଙ୍କର ମୃତ୍ୟୁ ଘଟିଛି କ୍ଷ ମୃତକ ଜଣକ ହେଉଛନ୍ତି ଆଗ୍ରିଆ ଗ୍ରାମର ଗଣେଶଚନ୍ଦ୍ର ଜେନା(୫୯) କ୍ଷ ସୂଚନା ମୁତାବକ ଚାକିରୀରୁ ଭିଆରଏସ ନେଇଥିବା ଗଣେଶଚନ୍ଦ୍ର ଜେନା ଆଗ୍ରିଆଛକ ନିକଟରେ ୧୮ନଂ ଜାତୀୟ ରାଜପଥରେ ଚାଲିଚାଲି ଯାଉଥିବା ସମୟରେ ଓଡି-୦୧ଏ ୱାଇ - ୪୦୮୯ନମ୍ବର ବିଶିଷ୍ଟ ଏକ ଦ୍ରୁତଗାମୀ ମୋଟର ସାଇକେଲ ପଛପଟୁ ଆସି ଧକ୍କା ଦେଇଥିଲା କ୍ଷ ଦୁର୍ଘଟଣାରେ ଗଣେଶଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହିତ ପ୍ରବଳରକ୍ତସ୍ରାବ ହୋଇଥିଲା କ୍ଷ ସ୍ଥାନୀୟଲୋକେ ଉଦ୍ଧାରକରି ପ୍ରଥମେ ବେତନଟୀ ଡାକ୍ତରଖାନା ଓ ସେଠାରୁ ପ୍ରାଥମିକ ଚିକିତ୍ସାପରେ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା କ୍ଷ ମାତ୍ର ଆବସ୍ଥା ଅତ୍ୟନ୍ତ ଶଙ୍କଟା ପନ୍ନ ଥିବାରୁ ସେଠାରୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ସୁଦ୍ଧା ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା କ୍ଷ ଏନେଇ ସହୀଦନଗର ଥାନା ପକ୍ଷରୁ ସୋମବାର କ୍ୟାପିଟାଲ ହସ୍ପିଟାଲରେ ଶ୍ୱ ବ୍ୟବଚ୍ଛେଦ କରାଯାଇଥିବା ବେଳେ ସନ୍ଧ୍ୟାରେ ମୃତଦେହ ପୈତୃକ ଗାଁ ଆଗ୍ରିଆରେ ପହଞ୍ଚିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

# ମୁଁ ଗରିବ ମୋ ଘର ଜଳି ପୋଡ଼ି ଗଲା ମୋତେ ସାହାଯ୍ୟ ଦିଅନ୍ତୁ ମୁଖ୍ୟମନ୍ତ୍ରୀ ଘର ପୋଡ଼ିକୁ ୫ଦିନ ବିତିଲେ ମଧ୍ୟ ସରକାରୀ ସାହାଯ୍ୟ ଅପହଞ୍ଚ

କେନ୍ଦୁଝର, (ପି.ଏନ) : କଥାରେ ଅଛି ଘର ପୋଡ଼ି ଠାରୁ ବିପତ୍ତି ନାହିଁ। ଏହିପରି ଘର ପୋଡ଼ିର ସମ୍ମୁଖୀନ ହୋଇ କେନ୍ଦୁଝର ବଡଦାଣ୍ଡର ଜଣେ ଗରିବ ଜଳଖିଆ ଦୋକାନୀ ଏବେ ବାର ଦ୍ୱାର ତେର ପିଣ୍ଡା ହେଉଛନ୍ତି। ନେତା ଓ ପ୍ରଶାସନ ଅଧିକାରୀମାନେ ତା୧୬/୧/୨୫ଦିନ ସନ୍ଧ୍ୟାରେ ଘର ପୋଡ଼ି ଦେଖିବାକୁ ଯାଇ ହରେକ୍ ରକମର ପ୍ରତିଶ୍ରୁତି ଦେଇଥିଲେ ଯାହା ଏବେ ପାଣିରେ ଗାର ହୋଇଛି। ବିଚରା ଗଣେଶ୍ୱରଙ୍କ ଘରଦ୍ୱାର ନାହିଁ ସବୁ ଜଳି ପୋଡ଼ି ଛାରଖାର ମେଲା। ପାଖ ପଡିଶା କିଛି ସାହାଯ୍ୟ କରୁଛନ୍ତି ସେଥିରେ କଷ୍ଟେମଷ୍ଟେ ଚଳୁଛନ୍ତି ପିନ୍ଧିବାକୁ ପୋଷାକ ନାହିଁ। ଏହିପରି ଦୁର୍ଘଟଣାର ଶିକାର ହୋଇ



ଗଣେଶ୍ୱର ମହାରଣା ଆଜି କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆସି ଅଧିକାରୀଙ୍କୁ ଖୋଜୁ ଥିଲେ। ଯଦି ସାହାଯ୍ୟ ଦେବାର ଅଛି ତତ୍କାଳ ଦେଲେ ଶୀତ ଦିନେ ପରିବାର ଟିକେ ଚଳି ପାରନ୍ତେ ତେବେ ସେ ସବୁ ଆଡୁ ହତାଶ ହେଉଛନ୍ତି। କିଛି ବ୍ୟକ୍ତି ତାଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ସାହାଯ୍ୟ ନିବେଦନ ଲାଗି କହିବାରୁ ସେ ଆଜି ଏକ ଦରଖାସ୍ତ ଦେଇଛନ୍ତି। ସେଥିରେ ସେ ରାଜରାଜୁଡ଼ା କେନ୍ଦୁଝରରେ ମନ୍ଦିର ଗଢ଼ିବାକୁ ଆସି ତାଙ୍କ ପରିବାର ମନ୍ଦିର ସାମ୍ନାରେ ରହିଥିଲେ ଲେଖିଛନ୍ତି। ଛୋଟ ଜଳଖିଆ ଦୋକାନରୁ ସୀମିତ ରୋଜଗାର ଲାଗି ଚାଲିବା କଷ୍ଟକର ତେଣୁ ସେ କିଛି ଲୋନ କରିଥିଲେ। ଏବେ କେନ୍ଦୁଝର ସଦର ବିଧାୟକ ତଥା ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝି ତାଙ୍କର ଏହି ଦୁର୍ଦ୍ଦିନ ବେଳେ ସହାୟତା ଯୋଗାଇ ତାଙ୍କୁ ବୁଦ୍ଧି ଦେବାକୁ ବିନମ୍ର ନିବେଦନ କରିଛନ୍ତି।

# ଦୁଡୁକାବାହାଲ ଗ୍ରାମପଞ୍ଚାୟତରେ ଉଦ୍ୟୋଗୀ ସଚେତନତା କାର୍ଯ୍ୟକ୍ରମ

ରାୟଗଡ଼ା (ପି.ଏନ):: କାଶୀପୁର ବ୍ଲକ ଦୁଡକବହାଲ ଗ୍ରାମ ପଞ୍ଚାୟତ ରେ ଆଇ.ଡି.ବି ଆଇ ବ୍ୟାଙ୍କ ଦ୍ୱାରା ପ୍ରାୟୋଜିତ ଏବଂ ଇ ଡି ଆଇ ଆଇ ଦ୍ୱାରା ପରିଚାଳିତ ପ୍ରକଳ୍ପ ରାଇଜ ର ଏକ ଉଦ୍ୟୋମିତା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ଟି ମୁଖ୍ୟତଃ ଲୋକ ମାନଙ୍କୁ ସ୍ୱାବଲମ୍ବୀ ହେବାକୁ ଏକ ବାର୍ତ୍ତା ପ୍ରେରଣ କରିଥିଲା ।ଏହି ସଚେତନତା କାର୍ଯ୍ୟକ୍ରମ ରେ ଟିକିରି ପୂର୍ବତନ ସରପଞ୍ଚ ଶ୍ରୀ ସାନ୍ଧୁ ଚରଣ ମାଝି ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ, ତାଙ୍କ ସହ ସମ୍ମାନନୀୟ ଅତିଥି ରୂପେ ଅଂଶ ଗ୍ରହଣ କରିଥିଲେ ଗୋବିନ୍ଦ ମାଝୀ, ଗ୍ରାମ ରୋଜଗାର ସେବକ ଜି.ଆର.ଏସ୍ ଶ୍ରୀମତି ଦମୟନ୍ତୀ ନାୟକ ମଧ୍ୟ ଓ ଏମ.ବି.କେ ପ୍ରିୟଙ୍କା ନାୟକ ପ୍ରମୁଖ କାଶିପୁର ବ୍ଲକ ରେ କାର୍ଯ୍ୟରତ ରାଇଜ ପ୍ରୋଜେକ୍ଟ ଆତ୍ମ ନିର୍ଭର ହେବାର ଏକ ସ୍ୱତନ୍ତ୍ର ସୁଯୋଗ ବୋଲି କହିଛନ୍ତି ।



ଜଣେ ଭଲ ଉଦ୍ୟୋଗୀ ସମାଜ ଆଉ ଦେଶର କଲ୍ୟାଣ କରିଥାଏ ଏବଂ ଇଡି ଆଇ ଆଇ ଏଥିରେ ଲୋକଙ୍କୁ ସହାୟକ ହେଉଛି ବୋଲି ସେ ପ୍ରଶଂସା ମଧ୍ୟ କରିଥିଲେ। ସରକାରଙ୍କ ବିଭିନ୍ନ ସହାୟତା ମଧ୍ୟ ଉଦ୍ୟୋଗୀ ମାନଙ୍କୁ ବୁଝାଇ ଥିଲେ । ଏହି କାର୍ଯ୍ୟକ୍ରମ ଟି ପ୍ରକଳ୍ପ ରାଇଜ ର କର୍ଡିନେଟର୍ ଅଶ୍ୱିନୀ କୁମାର ମିଶ୍ର ଦ୍ୱାରା ପରିଚାଳିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ପ୍ରୋଜେକ୍ଟ ରାଇଜ ର ତାରିଣୀ ଚରଣ ସାହୁ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ଟି ଲୋକ ମାନଙ୍କୁ ଆଇ ଡି ବି ଆଇ ବ୍ୟାଙ୍କ ଦ୍ୱାରା ପ୍ରାୟୋଜିତ ରାଇଜ ପ୍ରୋଜେକ୍ଟ ସହ ଲୋକ ମାନଙ୍କୁ ଉଦ୍ୟୋମୀତା କୁ ଜୀବିକା ରୂପେ ବାଛିବା କାହିଁକି ଯେ ଆବଶ୍ୟକ ତାହା ବିଷୟରେ ସମ୍ୟକ୍ ସଚେତନ କରିପାରିଥିଲା । କାର୍ଯ୍ୟକ୍ରମ ଶେଷ ହେବାପରେ, ଆୟୋଜକମାନେ ବ୍ୟକ୍ତିଗତ ସାକ୍ଷାତକାର ଏବଂ ପରବର୍ତ୍ତୀ ସ୍ତର ପାଇଁ ହିତାଧିକାରୀ ଚୟନ କରିବାକୁ ଏକ ପ୍ରାଥମିକ ପରୀକ୍ଷା କରିବାକୁ ଯୋଜନା ଘୋଷଣା କରିଥିଲେ, ଯିଏ ମିଲେଟ ତିଆରୀ ଖାଦ୍ୟ ପ୍ରସ୍ତୁତି ଶିଖିବା ପାଇଁ ୧୮ ଦିନିଆ ଟେକ୍ନୋଲୋଜି ଆଧାରିତ ଉଦ୍ୟୋଗୀ କାର୍ଯ୍ୟକ୍ରମ ଟି.ଇ.ଡି.ପି ଅଂଶ ଗ୍ରହଣ କରିବେ ।

# ଖିଚିଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଅନୁଧ୍ୟାନ ଟିଭି ଓ ଡେଲି ଓଡିଆ ଖବରକାଗଜ ପକ୍ଷରୁ ମାଗଣାରେ ବିଭିନ୍ନ ପ୍ରଶିକ୍ଷଣ ସାମଗ୍ରୀ ପ୍ରଦାନ

ଖିଚିଂ : ମୟୂରଭଞ୍ଜ ଜିଲ୍ଲା ସୁକ୍ରୁଲି ବ୍ଲକ୍ ଅନ୍ତର୍ଗତ ଖିଚିଂ ସ୍ଥିତ ମା କୀଚକେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଅନୁଧ୍ୟାନ ଟିଭି ଓ ଡେଲି ଓଡିଆ ଖବରକାଗଜ ର ମୁଖ୍ୟ ପରିଚାଳକ ବିକାଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ପୂର୍ବରୁ ଅନୁଷ୍ଠିତ ହୋଇଥିଲା ଜିଲ୍ଲାସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତା। ଏହି ପ୍ରତିଯୋଗିତାରେ ମା କିଚ କେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ବିଜ୍ଞାନ ଛାତ୍ରଛାତ୍ରୀଙ୍କୁ ନେଇ ଜିଲ୍ଲାସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା ।ଏହି ପ୍ରତିଯୋଗିତାରେ ପ୍ରାୟ ଶହେ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗନେଇଥିଲେ ।ଆଜି ସେଥି ମଧ୍ୟରୁ କୋଡିଏ ଜଣ ଛାତ୍ରଛତ୍ରୀ ଙ୍କୁ ଚୟନ କରି କୃତ ଛାତ୍ର ଛାତ୍ରୀଙ୍କୁ ଅନୁଧ୍ୟାନ ଟିଭି ଓ ଡେଲି ଓଡିଆ ଖବରକାଗଜ ପକ୍ଷରୁ ପ୍ରସ୍ତୁତ କରିବା ସହ ଛାତ୍ର ଛାତ୍ରୀ ମାନେ କିଭଳି ଆଗକୁ ଏହି ବିଜ୍ଞାନ କ୍ଷେତ୍ରରେ ଅଧିକ ଶିକ୍ଷା ଲାଭ କରିପାରିବେ ତାହାକୁ ଦୃଷ୍ଟିରେ ରଖି ଶ୍ରୀଯୁକ୍ତ ବିକାଶ ଚନ୍ଦ୍ର ସେଠୀ ମାଗଣାରେ ବହି ପ୍ରଦାନ କରିବା ସହିତ ପ୍ରାଣୀ ବିଜ୍ଞାନ





ଏବଂ ଉଦ୍ଭିତ ବିଜ୍ଞାନର ପ୍ରାକ୍ଟିକାଲ୍ ପାଇଁ ବିଭିନ୍ନ ପ୍ରକାର ସାମଗ୍ରୀ ପ୍ରଦାନ୍ କରିଥିଲେ। ଏହି ସମୟରେ ସୁକ୍ରୁଲୀ ଜନ୍ ର ଜିଲ୍ଲା ପରିଷଦ ବିକାଶ ରଞ୍ଜନ ସି, ମହାବିଦ୍ୟାଳୟର ଅଧ୍ୟାପକ ଅଜିତ୍ ନାଏକ ,ନିରଞ୍ଜନ ମହାନ୍ତିଙ୍କ ସମେତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ କର୍ମଚାରୀ ଙ୍କ ସହିତ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ। ତେବେ ଅନୁଧ୍ୟାନ ଟିଭି ଓ ପ୍ରତିଦିନ ଖବରକାଗଜ ର ମୁଖ୍ୟ ପରିଚାଳକ ଶ୍ରୀ ସେଠୀଙ୍କ ଏହି ଭଳି ପ୍ରୟାସ କୁ ଅଞ୍ଚଳ ବାସୀ ଓ ଖୀଚିଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କର୍ତ୍ତୁ ପକ୍ଷ ସ୍ୱାଗତ କରିଥିବା ବେଳେ ଏହି ପ୍ରୟାସ ଆଗକୁ ମଧ୍ୟ ଜାରି ରହିବ ବୋଲି ଶ୍ରୀ ସେଠୀ ପ୍ରକାଶ କରିଛନ୍ତି।




# ହିନ୍ଦୁ ଏକତା ମଞ୍ଚ ଭାରତ ଯାଜପୁର ଜିଲ୍ଲା ଶାଖା ଆନୁକୂଲ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ଯାଜପୁର,(ପି.ଏନ): ହିନ୍ଦୁ ଏକତା ମଞ୍ଚ ଭାରତ ଯାଜପୁର ଜିଲ୍ଲା ଶାଖା ଆନୁକୂଲ୍ୟରେ ତଲୁଆ ବାଲିକୁଦା ସ୍ଥିତ ସତସଙ୍ଗ ମନ୍ଦିର ପରିସରରେ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ନରେନ ଜେନା ଙ୍କ ଅଧକ୍ଷ୍ୟତା ରେ ଓ ରାଜ୍ୟ ସଭାପତି ପ୍ରଦୀପ୍ତ କୁମାର ଜେନା ଙ୍କ ଉପସ୍ଥିତିରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ୪୦ ରୁ ଅଧିକ ସଦସ୍ୟ ସମେତ ଜିଲ୍ଲା ସଂଯୋଜକ ଉଦୟନାଥ ସାହୁ, ସାଉଡିଆ ଗ୍ରାମ ପଂଚାୟତ ର ସରପଞ୍ଚ ଶ୍ରୀ ଜଗନ୍ନାଥ ଖଣ୍ଡେଇ କୋଲ୍ଲାଗିରି ଗ୍ରାମ ପଂଚାୟତ ସରପଞ୍ଚ ଶ୍ରୀ ଜ୍ଞାନ ରଞ୍ଜନ ସାହୁ, ବରପଦା ଗ୍ରାମ ପଂଚାୟତ ସରପଞ୍ଚଶ୍ରୀ ପ୍ରମୋଦ କୁମାର ଜେନା, ଜ୍ଞାନ ରଞ୍ଜନ ପରିଡା ପ୍ରମୋଦ ସାମଲ, ସୁରେନ୍ଦ୍ର ସେନାପତି କୁଞ୍ଜ ବିହାରୀ ରାୟ ପ୍ରମୋଦ ମହାନ୍ତି ତେଜପାଲ ଧେନୁକା ସନ୍ତୋଷ ସାହୁ ଅଶୋକ ଜେନା, ସମରେନ୍ଦ୍ର ପରିଡା,ରସାନନ୍ଦ ପାତ୍ର ଉମାକାନ୍ତ ମଲ୍ଲିକ, ଅରୁଣ କୁମାର ମହାନ୍ତି , ମାଧବାନନ୍ଦ ପରିଡା, ଅଭୟ କୁମାର ମହାପାତ୍ର, ତୁଷାର ମହାପାତ୍ର ଅଶୋକ ସେନାପତି ଶମ୍ଭୁ ନାଥ ପରିଡା ରସାନନ୍ଦ ପାତ୍ର,ଭୀମସେନ ଜେନା ପ୍ରଶାନ୍ତ ପୃଷ୍ଟି,ସୁଧୀର କୁମାର ପରିଡା ବାଇଧର ସେନାପତି କଳ୍ପତରୁ ମହାନ୍ତି ପ୍ରଫୁଲ୍ଲ ସାମଲ କୁମାର ମହାପାତ୍ର ଦୁର୍ଯ ?ଧନ ପ୍ରଧାନ କ୍ଷେତ୍ରବାସୀ ପଣ୍ଡା ଶୈଳେନ୍ଦ୍ର ନାରାୟଣ ରାୟ ,ପ୍ରଭୃତି ଯୋଗ ଦେଇ ନିଜ ନିଜର ମତାମତ ରଖିଥିଲେ। ରାଜ୍ୟ ସଭାପତି ଶ୍ରୀ ଜେନା ସଂଗଠନ ର ଲକ୍ଷ ଆଭିମୁଖ୍ୟ କୁ ବିଷଦ ଭାବେ ବର୍ଣନା କରିବା ସହିତ ଆସନ୍ତା ଏପ୍ରିଲ ମାସ ରେ ଉଦୟଗିରି ଠାରେ ଏକ ସମାବେଶ କରିବା ପାଇଁ ପ୍ରସ୍ତାବ ରଖିଥିଲେ। ଉପସ୍ଥିତ ସଦସ୍ୟ ମାନେ ସେହି ସମାବେଶ କୁ ସଫଳ କରିବାକୁ ପ୍ରତିଶୃତି ଦେଇଥିଲେ ।. ଜିଲ୍ଲା ସଭାପତି ଓ ସଂଯୋଜକ ସମସ୍ତ ଙ୍କ ସହିତ ଯୋଗାଯୋଗ କରି ସମାବେଶ ର ଦିନ ଧାର୍ଯ୍ୟ କରିବାକୁ ବୈଠକ ରେ ନିଷ୍ପତି କରାଗଲା ସର୍ବ ଶେଷରେ ଶ୍ରୀ କୈଳାଶ ଚନ୍ଦ୍ର ଜେନା ରାଜ୍ୟ ସଂସ୍କୃତି ସମ୍ପାଦକ ତଥା ପୃଷ୍ଟ ଭୂମି ଖବର କାଗଜ ର ସମ୍ପାଦକ ପ୍ରସ୍ତୁତି ବୈଠକ ର ସଫଳତା ପାଇଁ ସମସ୍ତ ସଦସ୍ୟ ମାନଙ୍କୁ ଧନ୍ୟବାଦ ଦେଇଥିଲେ.

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର,(ପି ଏନ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି ।ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ ଜେ. ସୋନାଲ (ଭା.ପ୍ର.ସେ) ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଆଜି ମୋଟ ୯୩ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୮ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୫ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୦୮ ଟି, ଆବାସ ଯୋଜନା ସମ୍ପର୍କୀୟ ୦୩ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୩୦ ଟି, ଭତ୍ତା ପାଇବା ପାଇଁ ୦୭ ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡ ରୁ ସହାୟତା ନିମନ୍ତେ ୦୪ ଟି, ପୋଲିସ ସହାୟତା ପାଇବା ପାଇଁ ୦୨ ଟି ଏବଂ ଅନ୍ୟାନ୍ୟ ୨୦ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୦୪ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଭବାନୀ ଶଙ୍କର ଉଦଗାତା, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ରବିନାରାୟଣ ଜେଠୀ,ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର ,ଶ୍ରୀ ଜ୍ୟୋତି ଶଙ୍କର ରାୟ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜଗତସିଂହପୁର ଶ୍ରୀ ଆଶୁତୋଷ ମିଶ୍ର, ତହସିଲଦାର , ଜଗତସିଂହପୁର, ତୃପ୍ତିମୟୀ ପ୍ରଧାନ,ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ।

# ସରକାର ପ୍ରତିଶ୍ରୁତି ମୁତାବକ ଯୁଦ୍ଧକାଳୀନ ଭିତିରେ ବାକି ରହିଯାଇଥିବା ଚାଷୀଙ୍କଠାରୁ ସବୁ ବଳକା ଧାନ କିଣନ୍ତୁ : କଂଗ୍ରେସ

ଭୁବନେଶ୍ବର,(ପିଏନ): ଖରିଫ ଋତୁର ଅମଳ ସବୁ ବଳକା ଧାନକୁ ନିର୍ଦ୍ଧାରିତ ଏମଏସପିରେ କ୍ରୟ କରାଯିବ ବୋଲି ସରକାର ଚାଷୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। କଟନି ଛଟନି ବନ୍ଦଠାରୁ ସଶକ୍ତ ମଣ୍ଡି ଦ୍ୱାରା କୌଣସି ଦିଗରେ ଚାଷୀଙ୍କର ଅସୁବିଧା ହେବ ନାହିଁ ବୋଲି ଘୋଷଣା କରିଥିଲେ। କିନ୍ତୁ ଫଳ ଓଲଟା। ଏବେ ରାଜ୍ୟର ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ପଞ୍ଜିକୃତ ଚାଷୀଙ୍କଠାରୁ ଧାନ କ୍ରୟ କରାଯାଇ ନାହିଁ। ଏହା ବ୍ୟତୀତ ଅନେକ ଚାଷୀ ଅମଳ ଧାନକୁ ବିକିବା ପାଇଁ ତ୍ରାହି ତ୍ରାହି ଡାକିଲେଣି। କିନ୍ତୁ ଏହି ଦିଗରେ ସରକାର କର୍ଣ୍ଣପାତ କରୁନାହାନ୍ତି। କିମ୍ବା କେଉଁ ଅ*ଳରେ କେତେ ଧାନ ଚାଷୀଙ୍କ ପାଖରେ ବଳକା ରହିଛି ତାହାର ସଠିକ୍ ଆକଳନ ମଧ୍ୟ କରାଯାଉ ନାହିଁ। ବଳକା ଧାନ ଚାଷୀ କରିବେ କଣ? ଏଥିରେ ଚାଷୀର ଆୟ ଦ୍ୱିଗୁଣିତ ହେବ କିପରି ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଅଧକ୍ଷ ଶ୍ରୀ ଅମିୟ କୁମାର ପଟ୍ଟନାୟକ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କର ସ୍ପଷ୍ଟୋକ୍ତି ଚାହିଁଛନ୍ତି। ସବୁ ବର୍ଷ ଅପେକ୍ଷା ଚଳିତ ଥର ଏମଏସପି ଉପରେ ୮୦୦ ଟଙ୍କା ଇନପୁଟ୍ସ ସହାୟତାରେ କ୍ୱି[ାଲ ପ୍ରତି ୩୧ଶହ ଟଙ୍କାରେ ଧାନ କିଣାଯିବା କଥା କୁହାଗଲା। ଏହା ଅନେକାଂଶରେ ସତ୍ୟ। କିନ୍ତୁ ସରକାରଙ୍କ ତୃଟିପୂର୍ଣ୍ଣ ଧାନ କିଣା ନୀତି ଓ ନୂତନ ଆନାଲାଇଜର ମେସିନ୍ (ଧାନ କ୍ରୟ ମାପକ ଯନ୍ତ୍ର)ର ତୃଟି ଦ୍ୱାରା ବହୁ ମାତ୍ରାରେ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇଛନ୍ତି। ନିର୍ଦ୍ଧାରିତ ଏମଏସପି କ୍ୱି[ାଲ ପ୍ରତି ୩୧ଶହ ଟଙ୍କା ପରିବର୍ତେ ରାଜ୍ୟର ଅନେକ ଚାଷୀ ୨ ହଜାରରୁ ୨୫ଶହ ଟଙ୍କା ମଧ୍ୟରେ କମ୍ ଦାମରେ ଧାନ ବିକ୍ରି କରିବାକୁ ବାଧ ହୋଇଛନ୍ତି। ବିଭିନ୍ନ ଆଳ ଦେଖାଇ ପ୍ରତି ମଣ୍ଡିରେ ୫ ରୁ ୧୫ କେଜି ପର୍ଯ୍ୟନ୍ତ କଟନି ଛଟନି କରାଯାଇଛି। ମିଲର ମନମାନୀରେ ମଣ୍ଡିରୁ ଧାନ ଉଠୁଛି ଏବଂ ମିଲର ପକେଟରେ ସରକାର ଥିବା ଅନୁଭବ କରାଯାଏ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଏଣୁ ସରକାର କାଳ ବିଳମ୍ବ ନକରି ଚାଷୀଙ୍କ ପାଖରେଥିବା ସବୁ ବଳକା ଧାନକୁ ମାର୍ଚ୍ଚ-୩୧ ତାରିଖ ସୁଦ୍ଧା ଯୁଦ୍ଧକାଳୀନ ଭିତିରେ କ୍ରୟ କରିବାକୁ କଂଗ୍ରେସ ପକ୍ଷରୁ ଅଧକ୍ଷ ଶ୍ରୀ ପଟ୍ଟନାୟକ ଦୃଢ଼ ଦାବୀ କରିଛନ୍ତି।

# ଓଡିଶାର ଗ୍ରାମୀଣ ଜନ ଜୀବନରେ ଭାଗବତ ଟୁଙ୍ଗି ଓ ପଖାଳ ଅବିଚ୍ଛେଦ୍ୟ ଅଙ୍ଗ : ମହନ୍ତ ରାମକୃଷ୍ଣ ଦାସ ମହାରାଜ

ଭୁବନେଶ୍ୱର: ବିଗତ ଦିନର ଭାଗବତ ଟୁଙ୍ଗି ଓ ପଖାଳ ସମ୍ବନ୍ଧରେ ଏକ ଆଲୋଚ୍ନା ଚ୍କ୍ର ଅନୁଷ୍ଠିତ ହୋଇଯାଇଛି, ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂଜ୍ୟ ମହନ୍ତ ରାମକୃଷ୍ଣ ଦାସ ମହାରାଜ ବିଶିଷ୍ଟ ଅତିଥି ଭାବେ ପଦ୍ମଶ୍ରୀ ଅଶୋକ ମହାପାତ୍ର, ଡ଼ ଜୟନ୍ତ ପଣ୍ଡା, ଶ୍ରୀଜଗନ୍ନାଥଙ୍କ ମନ୍ଦିର ପୁରୋହିତ ପୂଜ୍ୟ ପଣ୍ଡିତ ଶ୍ରୀ ପୂର୍ଣ୍ଣ ଚ଼ନ୍ଦ୍ର ମହାପାତ୍ର ଡ଼ ବନୋଜ ରାୟ,ଡ଼ ପ୍ରଦୀପ ଆଚ଼ାର୍ଯ୍ୟ,ଶ୍ରୀ ପ୍ରଭାକର ମଲ୍ଲିକ ନିରଞ୍ଜନ ଦାଶ ବୈକୁଣ୍ଠ ମହାପାତ୍ର ଶ୍ରୀ ସୁରେଶ ଦାଶ ପ୍ରମୁଖ ଯୋଗ ଦେଇ ତାଙ୍କର ଆଶ୍ରି ବଚ଼ନ ପ୍ରଦାନ କରିଥିଲେ ।ସଭା ପ୍ରାରମ୍ଭରୁ ଡ଼ ସୁଶୀଲ ପଟ୍ଟନାୟକ ଶୈଳେନ୍ଦ୍ର ବାବୁ ସ୍ୱର୍ଣ୍ଣ ଲତା ପାଣି ଅନାମିକା ସ୍ୱାଇଁ ପଟ୍ଟନାୟକ ଭାରତୀ ଭୂଷଣ ପଟ୍ଟନାୟକ ପୁଷ୍ପଲତା ରାଉତ ରାୟ ପ୍ରମୁଖ ପାରମ୍ପରିକ ଭଜନ ପରି ବେଷଣ କରି ଥିଲେ । ଏହି ଅବସରରେ ଜଗନ୍ନାଥ ପରିବାର ଚ଼ାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ କ୍ଷେତ୍ର ରେ ପ୍ରତିଷ୍ଠିତ ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧିତ କରା ଯାଇ ଥିଲା, ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ପରିବାରର ଆବାହକ ଶ୍ରୀଭଗବାନ ଦାଶ ଡ଼ ନାରାୟଣ ମହାପାତ୍ର ତ୍ରିଲୋଚ଼ନ ନାୟକ ବଂଶୀଧର ନାୟକ ପ୍ରମୁଖ ଉପସ୍ଥିତ ରହି ପରିଚ଼ାଳନା କରି ଥିଲେ,ପୂର୍ବରୁ ଗାଁ ଗାଁ ର ଲୋକ ମାନେ ଦିନ ସାରା ନିଜ କାମ ସାରି ପଖାଳ କଂସେ ଖାଇ ଭାଗବତ ଟୁଙ୍ଗି ରେ ଏକାଠି ହୋଇ ଗ୍ରାମୀଣ ସଂସ୍କୃତି ପରମ୍ପରା ଓ ଭାଇ ଚ଼ାରା ଭାବକୁ ବାନ୍ଧି ରଖୁଥିଲେ, ପ୍ରଥମେ ଏହି ଭାଗବତ ଟୁଙ୍ଗି ପୁରୀ ର ସାତ ଲହରୀ ମଠରେ ଷୋଡ଼ଶ ଶତାବ୍ଦୀ ପ୍ରାରମ୍ଭ ରେ ଆତ୍ମ ପ୍ରକାଶ କରି ଥିଲା, ଏହି ଘରେ ଗାଁ ର ଲୋକ ମାନେ ମେଳି ହୋଇ ଭାଗବତ, ପୁରାଣ ଓ ଗାଁ ରେ ହେଉଥିବା ଅସୁବିଧା ଓ ତାହାର ସମାଧାନ କରୁ ଥିଲେ, ଓଡ଼ିଆ ଜାତିର ପରିଚ଼ୟ ଓଡ଼ିଆ ଭାଗବତ, ଆଧୁନିକତାର ସଂସ୍ପର୍ଶରେ ଆସିବା ପରେ ଧୀରେ ଧୀରେ ଭାଗବତ ଟୁଙ୍ଗି ର ପ୍ରଭାବ କମିବାରେ ଲାଗିଛି, ଓଡିଶା ର ସାଂସ୍କୃତିକ ପରିଚ଼ୟ ଭାଗବତ ଟୁଙ୍ଗିର ପୁନଃରୁଦ୍ଧାର ପାଇଁ ସମସ୍ତଙ୍କୁ ଯତ୍ନବାନ ହେବାକୁ ପଡିବ ଭାଗବତ କାର ମାନେ ଅତି ସୁନ୍ଦର ଭାବେ ଲେଖିଲେ ତତ୍ତ୍ୱ ଜାଣିଲେ ତୁଟେ ଭ୍ରାନ୍ତି ଭବ ସଂସାରରୁ ତରି ଯାଆନ୍ତି ।

## ଏଜିଏଫ୍ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ

କେନ୍ଦୁଝର (ପିଏନ୍): ଆରିୟା ଗ୍ରୁପ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ମାଟକାମବେଡା ସ୍ଥିତ ଚମ୍ପୁଆ ବସ୍ତି ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆରିୟା ଆଇରନ ଏଣ୍ଡ ଷ୍ଟିଲ କମ୍ପାନୀର ଅପରେସନ ହେଡ ଡକ୍ଟର ଚୈତନ୍ୟ ଚରଣ ଗିରି, ସମ୍ମାନୀତ ଅତିଥିଭାବେ ଚିଫ୍ ଟେକନିକାଲ ଅଫିସର ପି. ସୁରଜ ପ୍ରସାଦ, କାଉନସିଲର ସୁବ୍ରତ ପାତ୍ର ଯୋଗଦେଇ ପରିବେଶର ସୁରକ୍ଷା ସମସ୍ତଙ୍କର କର୍ତ୍ତବ୍ୟ ବୋଲି କହିଥିଲେ। ଏଥିପାଇଁ ସମସ୍ତେ ଗଛ ଲଗାଇବାକୁ ଆହ୍ୱାନ ଦେଇଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଦିଆଯାଇଥିଲା। ଏହାପରେ ସ୍କୁଲ ପରିସରରେ ବନୀକରଣ କରାଯିବା ପରେ ବାଡି ବଗିଚାରେ ବୃକ୍ଷରୋପଣ ପାଇଁ ଛାତ୍ରଛାତ୍ରୀଙ୍କୁ ଗୋଟିଏ ଗୋଟିଏ ଗଛ ବଣ୍ଟନ କରାଯାଇଥିଲା। ଆରିୟା ଗ୍ରୁପ ଫାଉଣ୍ଡେସନ ପକ୍ଷରୁ ସିଏସଆର ବିଭାଗର ଡେପୁଟି ମ୍ୟାନେଜର ଦୀପକ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ସ୍କୁଲ ବ୍ୟାଗ ବଣ୍ଟନ ହୋଇଥିଲା। କାର୍ଯ୍ୟକ୍ରମକୁ କମ୍ପାନୀର ଡେପୁଟି ମ୍ୟାନେଜର ବିଭୂତି ଭୂଷଣ ମହାନ୍ତି, ବଂଶିଧର ରାଉତ, ଅନୀଲ ମିଶ୍ର, ପୁଷ୍ପା ଆପଟ୍ଟ, ପ୍ରଫୁଲ୍ଲ ମହାନ୍ତ, ଶିବ ମୁଣ୍ଡାଙ୍କ ସମେତ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦୀପ ତଳ ଅନ୍ଧାର: ସାଇ ନଗର ବାସିନ୍ଦା କ'ଣ ସରକାରଙ୍କ ସାବତ ପୁଅ ?

ଭୁବନେଶ୍ୱର (ପିଏନ୍): ମାନନୀୟା ଡେପୁଟୀ ମେୟରଙ୍କୁ ସ୍ଥାନୀୟ ବାସିନ୍ଦାମାନେ ଲିଖିତ ଭାବେ ଅଭିଯୋଗ ଦାଖଲ କରିଥିଲେ। ପକ୍କା ରାସ୍ତା, ଡ୍ରେନ ବ୍ୟବସ୍ଥା ଏବଂ ପରିମଳ ବ୍ୟବସ୍ଥା ଯଥାଶୀଘ୍ର ଆରମ୍ଭ କରିବା ପାଇଁ କିନ୍ତୁ ବିଡମ୍ବନାର ବିଷୟ ବର୍ଷେରୁ ଉର୍ଦ୍ଧ୍ୱ ପୁରିବାକୁ ବସିଲାଣି ସ୍ଥାୟୀ ବାସିନ୍ଦାଙ୍କର ଗୁହାରିକୁ କର୍ତୃପକ୍ଷ କୌଣସି ପରିସ୍ଥିତିରେ କର୍ଣ୍ଣପାତ କରିଲେ ନାହିଁ। ଯାହାଫଳରେ ଲୋକମାନେ ନିଜର ମୌଳିକ ଅଧିକାର ପାଇପାରୁନାହାଁନ୍ତି। ସାଇ ନଗର ଯୋଉଟା କି ବିଏମ୍‌ସିର ୱାର୍ଡ ନଂ-୨୨ ଅନ୍ତର୍ଗତ। ୫ଟି ଲେନ୍ ବିଶିଷ୍ଟ ଏବଂ ୭୦ଟି ଘର, ୧୫୦ ପ୍ଲଟ ବର୍ତମାନ କାର୍ଯ୍ୟ ଚାଲିଛି। ୫୦୦ ଜଣ ସ୍ଥାନୀୟ ବାସିନ୍ଦା ଗତ ୧୪ବର୍ଷ ହେଲା ସେହି ଯାଗାରେ ରହିଆସୁଛନ୍ତି। ଦୁଃଖ ଓ ବଡମ୍ବନାର ବିଷୟ କି ଅଭିଯୋଗର ବର୍ଷେରୁ ଉର୍ଦ୍ଧ୍ୱ ପୁରିଗଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସମସ୍ତ ବାସିନ୍ଦାମାନେ ବିଏମ୍‌ସିକୁ ହୋଲ୍‌ଡିଙ୍ଗ ଟ୍ୟାକ୍ସ ଦେଉଛନ୍ତି। ଉକ୍ତ ସାଇ କଲୋନୀରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ବରିଷ୍ଠ ନାଗରିକ, ମହିଳା ଏବଂ ଛାତ୍ରଛାତ୍ରୀ ବସବାସ କରୁଛନ୍ତି। ବର୍ଷାଦିନ ଆସିଗଲାଣି ପକ୍କା ରାସ୍ତା ଏବଂ ପରିମଳ ବ୍ୟବସ୍ଥା ନଥିବାରୁ ସାଧାରଣରେ ଲୋକ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସାଇ ନଗର ୱାର୍ଡ ନଂ-୨୨ (ଶ୍ୟାମପୁର) ବାସିନ୍ଦାମାନେ ସରକାରଙ୍କ ନିକଟରେ ଅନୁରୋଧ କରିଛନ୍ତି କି ସରକାର ନିଜର ବୈମାତୃକ ମନୋଭାବ ପୋଷଣ ନକରି ଯଥାଶୀଘ୍ର ପକ୍କା ରାସ୍ତା, ଡ୍ରେନ ଏବଂ ପରିମଳ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଅନ୍ତୁ।

# ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ କେନ୍ଦୁଝର ଶାଖାର ବାର୍ଷିକ ସମ୍ମିଳନୀ



କେନ୍ଦୁଝର (ପିଏନ୍): ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ, କେନ୍ଦୁଝର ଶାଖାର ବାର୍ଷିକ ସମ୍ମିଳନୀ କେନ୍ଦୁଝର ଜିଲ୍ଲା କ୍ରୀଡାସଂସ୍ଥାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଘର ସଭାପତି ଭୁବନାନନ୍ଦ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ରାଜସ୍ୱ କ୍ଷେତ୍ର ଅଧିକାରୀମାନଙ୍କର ବିଭିନ୍ନ ସୁବିଧା ଅସୁବିଧା ସଂପର୍କରେ ଆଲୋଚନା କରାଯାଇଥିଲା। ଏହି ସଭାରେ ରାଜସ୍ୱ ନିରୀକ୍ଷକ ତଥା ସହ-ରାଜସ୍ୱ ନିରୀକ୍ଷକଙ୍କର ବିଭିନ୍ନ ଦାବିକୁ ଉପସ୍ଥାପନ କରାଯାଇ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯିବାକୁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ସଭାରେ ସହ-ରାଜସ୍ୱ ନିରୀକ୍ଷକମାନଙ୍କର ପଦୋନ୍ନତିରେ ଥିବା ଅସଂଗତିକୁ କିପରି ଦୂର କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଗୋବିନ୍ଦ ବିନ୍ଧାଣୀ, ମୀନକେତନ ଦାସ, ନରେଶ କୁମାର ମହାନ୍ତି, ଶରତ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସଂଘର ଉପଦେଷ୍ଟା ତରଣୀ ପାତ୍ର, ଶୁଭେନ୍ଦୁ ପାତ୍ର, ରତିରମଣ ମହାନ୍ତ, ସଂପଦ ପ୍ରଧାନ, ଅରବିନ୍ଦ ସାହୁ, ପୁରୁଷୋତ୍ତମ କୁଅଁର, ସୁଶାନ୍ତ ସେଠୀ, ନକୁଳ ସେଠୀ, ମିନତୀ ନାଏକ, ସରଣ କୁମାର ଦାସଙ୍କ ସମେତ ଜିଲ୍ଲାର ସମସ୍ତ ରାଜସ୍ୱ ନିରୀକ୍ଷକ ଓ ସହ-ରାଜସ୍ୱ ନିରୀକ୍ଷକ ଯୋଗ ଦେଇଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagun Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଠିକାଦାରଙ୍କ ମନମାନି ଯୋଗୁଁ ଅକାଳରେ ଚାଲିଗଲା ଜୀବନ: ନିଦ୍ରାବିଷର୍ଣ୍ଣ ପୂର୍ତ୍ତ ବିଭାଗ !



ଭୁବନେଶ୍ୱର, (ପି.ଏନ): ସମସ୍ତେ ଆନନ୍ଦ ଉଲ୍ଲାସରେ ହୋଲିରେ ରଙ୍ଗ ଅବିରରେ ଭିଜିଥିବାବେଳେ ଜଟଣୀ ବିଶ୍ୱନାଥ କଲୋନୀର ତ୍ରିନାଥ ସାହୁଙ୍କ ପରିବାର ଭିଜିଛି ଆଖି ଲୁହରେ । ପରିବା କିଣିବାକୁ ସ୍ତ୍ରୀଙ୍କୁ କହି ବଜାରକୁ ଯାଇଥିଲେ ତ୍ରିନାଥ । ହେଲେ ଫେରିବା ବାଟରେ ରାସ୍ତା ଉପରେ ସତେ ଯେମିତି ଛକି ବସିଥିଲା ଯମ । ଗାଡି ଚକ ସ୍ଲିପ କରିବାରୁ ନିର୍ମାଣାଧୀନ ଡ୍ରେନରୁ ବାହାରିଥିବା ରଡ ଛାତିରେ ପଶିଯିବାରୁ ଛଟପଟ ହୋଇ ସେଇଠି ପ୍ରାଣ ହରାଇଥିଲେ ତ୍ରିନାଥ । ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଗଲା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏବେ ପ୍ରଶ୍ନ ଉଠୁଛି ଏପରି ଦାୟିତ୍ୱହୀନତା ଲାଗି ଦାୟୀ କିଏ ? ପୂର୍ତ୍ତ ବିଭାଗ ନା ଠିକାଦାର ? ହୋଲି ଦିନ ଉଜୁଡିଗଲା ସଂସାର । ସମସ୍ତେ ଆନନ୍ଦ ଉଲ୍ଲାସରେ ରଙ୍ଗ ଖେଳୁଥିବା ବେଳେ ଲୁହରେ ଭିଜିଲା ଜଟଣୀ ପୌରପରିଷଦ ୧୧ ନମ୍ବର ୱାର୍ଡର ବିଶ୍ୱନାଥ କଲୋନୀ । ପରିବା କିଣିବାକୁ ଯାଇ ଆରପାରିକୁ ଚାଲିଗଲେ ତ୍ରିନାଥ । ରାସ୍ତା ଉପରେ ବାଲି ପଡିଥିବାରୁ ଚକା ସ୍ଲିପ କରିବାରୁ ନିର୍ମାଣଧୀନ ଡ୍ରେନର ରଡ ଛାତିରେ ପଶିଯାଇଥିବାରୁ ତ୍ରିନାଥଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଟିକେ ନଜର ପକାନ୍ତୁ ଏହି ରାସ୍ତା ଉପରେ କିପରି ନିର୍ମାଣଧୀନ ଡ୍ରେନ ଉପରକୁ ବାହାରିଛି ଲୁହା ରଡ । ଏହି ରାସ୍ତା ଜଣଙ୍କର ମୁଣ୍ଡ ନେଇସାରିଲାଣି । ହେଲେ ଘଟଣାସ୍ଥଳକୁ କୌଣସି ଅଧିକାରୀ ନିରୀକ୍ଷଣ ପାଇଁ ପହଞ୍ଚିନଥିବା ଅଭିଯୋଗ ହୋଇଛି । ପୂର୍ତ୍ତ ବିଭାଗ ଠିକା ସଂସ୍ଥାକୁ ଡ୍ରେନ କାମ ଦେଇ କୌଣସି ଅଧିକାରୀଙ୍କୁ କାର୍ଯ୍ୟ ସ୍ଥଳକୁ ନିରୀକ୍ଷଣ ପାଇଁ ନ ପଠାଇବାରୁ ଠିକାଦାର ଏଭଳି ମରଣଯନ୍ତା କରିଥିବା ଅଭିଯୋଗ ହୋଇଛି । ଏପଟେ ଠିକା ସଂସ୍ଥା ଦୀର୍ଘ ଦିନ ଧରି କାମ କରୁଥିଲେ ସୁଦ୍ଧା ଜଟଣୀ ପୌର ପରିଷଦକୁ କୌଣସି ସୂଚନା ଦେଇନଥିବା ପୌରାଧ୍ୟକ୍ଷ ଅଭିଯୋଗ କରିଛନ୍ତି । ଏଠି ପ୍ରଶ୍ନ ଉଠୁଛି- ରାସ୍ତା କାମ ଚାଲୁଥିବା ବେଳେ କାହିଁକି ଲଗାଯାଇନଥିଲା ନୋ ଏଣ୍ଟ୍ରି ବୋର୍ଡ ? ଖୋଲା ଡ୍ରେନରେ ରଡ ବାହାରିଥିବା ବେଳେ ଠିକାଦାର କାହିଁକି ବାଇକ ଚାଳକଙ୍କ ପାଇଁ ସତର୍କ ଫଳକ ଲଗାଇନଥିଲା ? କାହିଁକି ରାସ୍ତା ଉପର ବାଲି ସଫା କରାଯାଇନଥିଲା ? ଠିକା ସଂସ୍ଥାର ଖାମଖିଆଲି ମନୋଭାବ ଯୋଗୁଁ ନିରୀହ ଲୋକଙ୍କ ଜୀବନ ଯିବା ପରେ ବି ଚୁପ ରହିଛନ୍ତି ପୂର୍ତ୍ତ ବିଭାଗ । ଅନ୍ୟପଟେ ଏ ବିଷୟରେ ପୂର୍ତ୍ତ ବିଭାଗ ମୁହଁ ଖୋଲୁନଥିବା ଦେଖିବାକୁ ମିଳିଛି । କେବେ ପୂର୍ତ୍ତ ବିଭାଗର ନିଦ ଭାଙ୍ଗିବ ଆଉ କାହାର ଜୀବନ ଯିବା ପୂର୍ବରୁ ନିର୍ମାଣଧୀନ ଡ୍ରେନର କାମ ସରିବ ତା ଉପରେ ସମସ୍ତଙ୍କ ନଜର ରହିଛି ।

# ସରକଣା ଗ୍ରାମ ପଂଚାୟତ କଲ୍ୟାଣ ମଣ୍ଡପ ଠାରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ



ଭୁବନେଶ୍ୱର,((ପି.ଏନ):ଆଜି ପୂର୍ବାହ୍ନରେ ବାଲିଅନ୍ତା ବ୍ଲକ ଅନ୍ତର୍ଗତ, ସରକଣା ଗ୍ରାମ ପଂଚାୟତ କଲ୍ୟାଣ ମଣ୍ଡପ ଗୃହ ଠାରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଚଞ୍ଚଳ ରାଣା ଙ୍କ ଅଧ୍ୟକ୍ଷତାରେ ମିଳିତ ଜନ ଅଭିଯୋଗ ସୁଣକ୍ଷଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ଭୁବନେଶ୍ୱର, ଶ୍ରୀ ରୁଦ୍ର ନାରାୟଣ ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଖୋର୍ଦ୍ଧା, ଶ୍ରୀ ଜ୍ୟୋତିଶଙ୍କର ସାହୁ, ଉପ ଜିଲ୍ଲାପାଳ, ଭୁବନେଶ୍ୱର ଡ଼. ମନୋରଞ୍ଜନ ସାହୁ,ଏ ସି ପି, ଜୋନ- ୪ ଶ୍ରୀ ବିଭୁତି ଭୂଷଣ ମହାନ୍ତି,ଅବକାରୀ ଅଧିକ୍ଷକ, ଖୋର୍ଦ୍ଧା, ଶ୍ରୀ ଦେବାଶିଷ ପଟେଲ,ମାନ୍ୟବର ସାଂସଦଙ୍କ ପ୍ରତିନିଧି ଶ୍ରୀ ଗଙ୍ଗାଧର ଜେନା,ବାଲିଅନ୍ତା ପଂଚାୟତ ସମିତି ଉପାଧ୍ୟକ୍ଷା ଶ୍ରୀମତୀ ଇତିଶ୍ରୀ ଜେନା, ବି ଡି ଓ, ସୁଶ୍ରୀ କସ୍ତୁରୀ ସ୍ୱାଇଁ,ତାସିଲଦାର ଶ୍ରୀ ବିମଳ ଲେଙ୍କା ଯୋଗଦେଇ ଥିଲେ । ପ୍ରାରମ୍ଭରେ ମାନ୍ୟବର ବିଧାୟକ, ଜୟଦେବ ଶ୍ରୀଯୁକ୍ତ ନବ କିଶୋର ମଲ୍ଲିକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦ୍ଘାଟନ କରିବାସହ ଜନସାଧାରଣ ମାନେ ନିଜର ଯଥାର୍ଥ ଆପତ୍ତି ଅଭିଯୋଗ ଗୁଡିକୁ ଜିଲ୍ଲାପାଳଙ୍କ ନିକଟରେ ଉପସ୍ଥାପନ କରି ସେଗୁଡିକର ସମାଧାନ କରିବାକୁ ପରାମର୍ଶ ଦେଇଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୧୭୨ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୧୨୯ ଗୋଟି ଅଭିଯୋଗ ବ୍ୟକ୍ତିଗତ, ୩୭ଗୋଟି ଅଭିଯୋଗ ଗ୍ରାମୀଣ ସମସ୍ୟା ଜନିତ ଥିଲା । ଜିଲ୍ଲାପାଳ ଅଭିଯୋଗ ସ୍ଥଳରେ ୩ ଗୋଟି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ତିନିଜଣ ଅଭିଯୋଗ କାରିଙ୍କୁ ପନ୍ଦର ହଜାର, ଦଶ ହଜାର ଏବଂ ଦଶ ହଜାର ଲେଖାଏଁ ଆର୍ଥିକ ସାହାଯତା ରାଶି ପ୍ରଦାନ କରିଥିଲେ । ସେହି ପରି ତିନି ଜଣ ଅଭିଯୋଗ କାରିଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା । ପରେ ଜିଲ୍ଲାପାଳ ଶ୍ରୀ ରାଣା ସମନ୍ୱିତ ଶିଶୁ ବିକାଶ ଯୋଜନା, ମିଶନ ଶକ୍ତି ଖାଦ୍ୟ ଷ୍ଟଲ, ଓଡିଶା ଜୀବିକା ମିଶନ, ଗ୍ରାମୀଣ ଗୃହ, ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ଶିବିର, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା, ପ୍ରାଣୀ ଚିକିତ୍ସା ବିଭାଗ, ଉଦ୍ୟାନ କୃଷି ଏବଂ କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ତିଆରି ଷ୍ଟଲ ବୁଲି ଦେଖିଥିଲେ । ଜନଶୁଣାଣି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ଜରୁରୀ ଶ୍ରୀତପା ମିଶ୍ର, ଡେପୁଟି କଲେକ୍ଟର, ଅଭିଯୋଗ, ଆର୍ତତ୍ରାଣ ମଲ୍ଲିକ, ସହକାରୀ କଲେକ୍ଟର, ଅଭିଯୋଗ ଭୁବନେଶ୍ୱରୀ କଅଁର,ସରପଞ୍ଚ ଶ୍ରୀମତୀ ବିଷ୍ଣୁ ପ୍ରିୟା ସାହୁ ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ବରିଷ୍ଠ ଯନ୍ତ୍ରୀ ମାନେ ଯୋଗଦେଇ ଥିଲେ ।

# ରାସ୍ତାରେ ହେଲା ପ୍ରସବ; ଶିଶୁପୁତ୍ରର ମୃତ୍ୟୁ ପ୍ରସୂତୀକୁ ମିଳିଲାନି ଚିକିତ୍ସା

ଯୋଡ଼ା (ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ୯ ୱାର୍ଡ ଗୋପ ହଟିଂ ସ୍ଥିତ ମଙ୍ଗଳାମନ୍ଦିର ନିକଟ ରାସ୍ତାରେ ଜନ୍ମ ହୋଇଛି ଏକ ଶିଶୁପୁତ୍ର । ଭୂମିଷ୍ଠ ହେବା ପରେ ଶିଶୁପୁତ୍ରଟିର ମୃତ୍ୟୁ ହୋଇଯାଇଥିବା ଖବର ହସ୍ତଗତ ହୋଇଛି । ଏହି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ସର୍ବାଧିକ ଖଣି ରାଜସ୍ୱ ଦେଉଥିବା ଖଣି ଉପତ୍ୟକା ଯୋଡା ସହରରେ । ପ୍ରତ୍ୟେକ୍ଷ ସୂତ୍ରରୁ ପ୍ରକାଶ ଯେ ସୋମବାର ରାତ୍ର ପ୍ରାୟ ସାଢେ ୧୦ଟା ସମୟରେ ଜଳହରୀ ପଞ୍ଚାୟତ ଅଧୀନରେ ଆଇଟିସି କଲୋନୀ ନିବାସୀ କପିଳାସ ନାଏକ ତାଙ୍କ ପତ୍ନୀ ସୁକମତୀ ପୂର୍ତ୍ତୀ ଏବଂ ତାଙ୍କ ଶାଶୁ ଘାସ ନାଏକ ସୁକୁମତୀଙ୍କୁ ଦୁଇ କାନ୍ଧର ସାହାରାରେ ମଙ୍ଗଳାମନ୍ଦିର ରାସ୍ତା ଦେଇ ସରକାରୀ ଡାକ୍ତରଖାନାକୁ ନେଉଥିବା ବେଳେ ପ୍ରସବ ବେଦନା ସହିନପାରି ସୁକୁମତୀ ରାସ୍ତାରେ ଉପରେ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ହେଲେ ଶିଶୁପୁତ୍ରଟିର କିଛିକ୍ଷଣ ପରେ ମୃତ୍ୟୁ ଘଟିଥିଲା । ପ୍ରସବ ବେଦନାର ଚିତ୍କାର ଏବଂ ମୃତ ଶିଶୁପୁତ୍ରର ଦୁଃଖରେ ମ୍ରିୟମାଣ ମୃତ ଶିଶୁର ମା'ଙ୍କର କ୍ରନ୍ଦନ ବସ୍ତିବାସିନ୍ଦାଙ୍କ ନିଦ ହଜାଇ ଦେଇଥିଲା । ଏସମ୍ପର୍କରେ ବିଦ୍ଧିବଦ୍ଧ ଭାବେ ସୁକୁମତୀଙ୍କ ସ୍ୱାମୀ କପିଳାସଙ୍କ ଠାରୁ ଜାଣିବାକୁ ମିଳିଥିଲା ଯେ ସୋମବାର ଅପରାହ୍ନ ୨ଟା ବେଳେ ସେ ଓ ତାଙ୍କ ପରିବାର ସୁକୁମତୀଙ୍କୁ ପ୍ରସବ ପାଇ ଯୋଡା ସ୍ଥିତ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କର ଅବସ୍ଥା ଜଟିଳ ଥିବାରୁ ତାଙ୍କୁ ଡାକ୍ତରଖାନା ପକ୍ଷରୁ କେନ୍ଦୁଝର କିମ୍ବା ଚମ୍ପୁଆ ନେବା ପାଇଁ କୁହାଯାଇଥିଲେ ହେଁ ସମ୍ବଳ ଅଭାବରୁ ସେ ଟାଟା କମ୍ପାନୀ ଡାକ୍ତରଖାନାକୁ ନେଇଯାଇଥିଲେ । ସେଠାରେ ତାଙ୍କୁ ଚିକିତ୍ସା କରାଯିବା ପରିବର୍ତ୍ତେ କେବଳ କୋଭିଡ ଟେଷ୍ଟ କରାଇ କୌଣସି ରିପୋର୍ଟ ନଦେଇ ତାଙ୍କୁ ପୁନଃ ସରକାରୀ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା । ସେଠାରୁ ସରକାରୀ ଡାକ୍ତରଖାନାକୁ ଆସିବା ପାଇଁ କୌଣସି ଗାଡି କିମ୍ବା ଆମ୍ବୁଲାନ୍ସର ସୁବିଧା ନମିଳିବାରୁ ଶେଷରେ ସୁକୁମତୀ ପୂର୍ତ୍ତୀଙ୍କ ସ୍ୱାମୀ ଓ ଶାଶୁ ଦୁଇ କାନ୍ଧରେ ଆଶ୍ରା କରି ପାଦରେ ଚାଲି ଚାଲି ମଙ୍ଗଳାମନ୍ଦିର ଦେଇ ରାସ୍ତା ଅତିକ୍ରମ କରୁଥିବା ବେଳେ ଗର୍ଭବତୀ ମହିଳା ସୁକୁମତୀଙ୍କ ରାସ୍ତାରେ ପ୍ରାୟ ରାତ୍ର ୧୧ଟା ବେଳେ ସନ୍ତାନ ପ୍ରସବ ହୋଇଯାଇଥିଲା । ଶିଶୁପୁତ୍ରଟିର ଜନ୍ମ ହେବାର କିଛି ସମୟ ପରେ ମୃତ୍ୟୁ ହୋଇଯାଇଥିଲା । କ୍ରନ୍ଦନ ଏବଂ ଚିତ୍କାର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଆସି ଦେଖିବା ପରେ ସମସ୍ତେ ସ୍ତବ୍ଧ ହୋଇଯାଇଥିଲେ । କାରଣ ଶିଶୁପୁତ୍ର ଜନ୍ମ ହେବା ପରେ ଶିଶୁପୁତ୍ରଟିର ନାଭି ମା' ସହିତ ସଂଯୋଗ ହୋଇ ରହିଥିଲା । ମାଙ୍କର ଜୀବନ ପ୍ରତି ବିପଦ ଥିବାରୁ ତୁରନ୍ତ ସ୍ଥାନୀୟ ଲୋକ ୧୦୮ ଆମ୍ବୁଲାନ୍ସକୁ ଖବର ଦେବା ସହିତ ଟାଟାକମ୍ପାନୀ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଫୋନ ଯୋଗେ ଜଣାଇଥିଲେ ।

# ଅନାସ୍ଥା ଭୋଟ ପୂର୍ବରୁ ଇସ୍ତଫା ଦେଲେ କବିସୂର୍ଯ୍ୟନଗର ଏନଏସି ଅଧ୍ୟକ୍ଷା

ଭୁବନେଶ୍ୱର, (ପି.ଏନ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଏନଏସି ଅଧ୍ୟକ୍ଷାଙ୍କ ବିରୋଧରେ ଆସିଥିବା ଅନାସ୍ଥା ଭୋଟରେ ଆସିଲା ନୂଆମୋଡ । ଅନାସ୍ଥା ଭୋଟ ପୂର୍ବରୁ ଇସ୍ତଫା ଦେଲେ ଏନଏସି ଅଧ୍ୟକ୍ଷା ଏସ. ଲକ୍ଷ୍ମୀ । କାଉସିଲରମାନେ ଭୋଟ ଦେବାଲାଗି ଏନଏସି ସଭାଗୃହରେ ବସିଥିବା ବେଳେ ତାପୂର୍ବରୁ ଇସ୍ତଫା ଦେଇଛନ୍ତି ଅଧ୍ୟକ୍ଷା । ଅଧ୍ୟକ୍ଷା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟି ଇସ୍ତଫା ପତ୍ର ଦେଇଛନ୍ତି । ତେବେ ଏନେଇ ସରକାରୀ ସ୍ତରରେ କୌଣସି ଘୋଷଣା ହୋଇନଥିବା ବେଳେ ନିଜ ଇସ୍ତଫା ନେଇ ପ୍ରତିକ୍ରିୟା ଦେଇଛନ୍ତି ଅଧ୍ୟକ୍ଷା । ପୂର୍ବରୁ କାଉସିଲ ବୈଠକରେ ହୋଇଥିବା ଘୋଟାଲା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ । ତେଣୁ ଆଜି ଭୋଟ ପୂର୍ବରୁ ସେ ଇସ୍ତଫା ଦେଇଥିବା କହିଛନ୍ତି ।

# କାରଖାନା ବନ୍ଦ ପାଇଁ ଚକ୍ରାନ୍ତ, ବଢୁଛି ଅସନ୍ତୋଷ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରେ ଖଣିଜ ସଂପଦର ସଦୁପଯୋଗ କରିବା ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ ହୋଇପଡିଛି । ବହୁ କମ୍ପାନୀ ଶିଳ୍ପ ନକରି ଖଣିଜ ପଥର ଚାଲାଣ କରି ଲାଭବାନ ହେଉଥିବାବେଳେ କେତେକ କମ୍ପାନୀ ଖଣିଜ ପଥର ସଦୁପଯୋଗ କରିବା ସହ ଜିଲ୍ଲାର ବିକାଶ ଓ ସ୍ଥାନୀୟ ଅଞ୍ଚଳର ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ଆଖି ଆଗରେ ରଖି ଶିଳ୍ପ ପ୍ରତିଷ୍ଠା କରିଛନ୍ତି । ତେବେ କେତେକ ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ସ୍ଥାନୀୟ ସରଳ ଗରୀବ ଲୋକଙ୍କୁ ମତାଇ ଉକ୍ତ ଶିଳ୍ପ ବନ୍ଦ ପାଇଁ ଚକ୍ରାନ୍ତ ଚଳାଇ ଆସୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି । ଏଭଳି ଘଟଣା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ମେଟାଲିକ୍ସ କାରଖାନାକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି । ଏହି କାରଖାନା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା । ଏହାଦ୍ୱାରା କାମ ଆଶାରେ ଜମି ଦେଇଥିବା ଶତାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପର ରାଇଗୋଡା ପଞ୍ଚାୟତ ସମେତ ମଲଦା,ଫୁଲଝରେ,କୁମୁଣ୍ଡି,ଶୁଆକାଟୀ,ବାଂଶପାଳ ଆଦି ପଞ୍ଚାୟତର ବହୁ ବେକାର ଯୁବକ ଉପକୃତ ହୋଇ ଆସୁଥିଲେ । ତେବେ କେତେକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ୨୦୧୪ ମସିହାରେ କାରଖାନା ବନ୍ଦ ହୋଇଯାଇଥିଲା । ଉକ୍ତ ସମୟରେ ସ୍ଥାନୀୟ ଲୋକେ କାମଧନ୍ଦା ହରାଇ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । କାରଖାନା ପାଇଁ ଜମି ଦେଇଥିବା ଲୋକମାନେ ବାଧ୍ୟ ହୋଇ ଭିଟାମାଟି ଛାଡି କାମଧନ୍ଦା ପାଇଁ ବାହାରକୁ ପଳାଇବାକୁ ବାଧ୍ୟ ହୋଇଥିଲେ । ପରେ ଜମିହରା ଲୋକଙ୍କ ଅନୁରୋଧ ଓ ଅନୁକୁଳ ପରିବେଶ ସୃଷ୍ଟି ହେବା ପରେ ୨୦୧୭ ରେ ପୁନଃ ସ୍ଥାନୀୟ ଲୋକଙ୍କ ସହଯୋଗରେ କାରଖାନା ଚାଲୁ ହୋଇଥିଲା । ଏବେ କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ନିଜର ଫାଇଦା ପାଇଁ ଗରୀବ ଓ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି । ଅନେକ ସମୟରେ ମିଥ୍ୟା ଓ ଭିତ୍ତିହୀନ ଅଭିଯୋଗ କରି କାରଖାନା କର୍ତ୍ତୃପକ୍ଷଙ୍କୁ ବିବାଦ ଘେରକୁ ଟାଣି ନେବାକୁ ଚେଷ୍ଟା କରିବା ସହ ଉତ୍ତେଜନା ପରିସ୍ଥିତି ସୃଷ୍ଟି କରୁଛନ୍ତି । ସେମାନେ ଗରୀବ ଲୋକଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ କାରଖାନାରେ କାମ କରିବାକୁ ବାରଣ କରୁଛନ୍ତି । ସେମାନଙ୍କୁ ହାତବାରିସି କରି ହିଂସାତ୍ମକ ଆନ୍ଦୋଳନ କରିବା ସହ ଅରାଜକତା ସୃଷ୍ଟି କରି ଶ୍ରୀ ମେଟାଲିକ୍ସ ପ୍ଲାଣ୍ଟକୁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି । କାରଖାନା ବନ୍ଦ ହେଲେ ଶହ ଶହ ଜମିହରା ଗ୍ରାମବାସୀ ଏବଂ କାରଖାନା ଉପରେ ନିର୍ଭରଶୀଳ ସ୍ଥାନୀୟ ଅଞ୍ଚଳର ଅଧିବାସୀ ଜୀବନଜୀବିକା ହରାଇବେ ଓ କରୋନା ମହାମାରୀ ସମୟରେ କାମଧନ୍ଦା ହରାଇ ସେମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯିବ । ଏଣୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କୁଚକ୍ରୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଖାନାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଅଁରା ଗ୍ରାମବାସୀ ଓ ଶ୍ରୀ ରାଧାକୃଷ୍ଣ ଗ୍ରାମ କମିଟି ତରଫରୁ ଅନୁରୋଧ କରାଯାଇଛି । ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିବା ସହ କେନ୍ଦୁଝର ଉପଜିଲ୍ଲାପାଳ, ସଦର ଏସ୍‌ଡିପିଓ, ବାଂଶପାଳ ତହସିଲଦାର, ନୟାକୋଟ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି ।

## ଭୁବନ ସିଏଚସିରେ ୬୧ ଜଣଙ୍କର ଆଂଟିଜେନ ଟେଷ୍ଟ ହେଲା

ଭୁବନ, (ପିଏନ)- ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୬୧ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ତେବେ ଆଜି ସୁଦ୍ଧା ୨୩୬୯ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା,କାଶ,ଜ୍ୱର ସହିତ କରୋନା ସଂକ୍ରମିତ (ପଜିଟିଭ) ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ ଶହରେ ପହଁଚିଥିବାରୁ ଲୋକମାନେ ନିଜର ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଧିକ ରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି ।

# ଉପଖଣ୍ଡ ଚିକିତ୍ସାଳୟରେ ବ୍ଲଡ ଷ୍ଟୋରେଜ ୟୁନିଟ୍‌କୁ କାର୍ଯ୍ୟକ୍ଷମ ଦାବୀ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୩ ବର୍ଷ ତଳେ ବ୍ଲଡ ଷ୍ଟୋରେଜ ୟୁନିଟ ଖୋଲାଯାଇଥିଲା । ହେଲେ ଆବଶ୍ୟକ ରକ୍ତ ସଂଗ୍ରହ ହୋଇ ପାରୁନଥିବା ଯୋଗୁଁ ଏହି ୟୁନିଟ ବନ୍ଦ କରି ଦିଆଯାଇଥିବା ଜଣାପଡିଛି । ଫଳରେ ଏହି ୟୁନିଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି । ନୂଆପଡା ଜିଲ୍ଲାର ପ୍ରମୁଖ ଏବଂ ମୁଖ୍ୟସ୍ଥଳୀ ଭାବରେ ଖଡିଆଳ ଜଣାଶୁଣା । ଏଠାରେ ରକ୍ତ ଅଭାବରୁ ଅନେକ ରୋଗୀ ଉପଯୁକ୍ତ ଚିକିତ୍ସା ସେବା ପାଇ ପାରୁନଥିବା ବେଳେ ବ୍ଲଡ ଷ୍ଟୋରେଜ ୟୁନିଟର ନିତାନ୍ତ ଆବଶ୍ୟକତା ରହିଛି । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିମାସରେ ରକ୍ତଦାନ ଶିବିର ଆୟୋଜନ କରି ଆବଶ୍ୟକ ରକ୍ତ ମହଜୁଦ ରଖିବାକୁ ଇତିପୂର୍ବେ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁରୂପ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀ ରକ୍ତଦାନ ଶିବିର ଆୟୋଜନ ପାଇଁ ବୈଠକ ମଧ୍ୟ କରିଥିଲେ । କିନ୍ତୁ କୌଣସି କାରଣ ନଥାଇ ତାହାକୁ ବିନା କାରଣରେ ବନ୍ଦ କରି ଦିଆଯାଇଛି । ଖଡିଆଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରସୂତୀ ଅସ୍ତ୍ରୋପ୍ରଚାର କେନ୍ଦ୍ର ରୁପେ ଜିଲ୍ଲା ପ୍ରଶାସନ ସ୍ୱୀକୃତି ଦେଇଥିବା ବେଳେ ଆନୁସାଙ୍ଗିକ ବ୍ୟବସ୍ଥା ନହେବା କାରଣରୁ ଅନେକ ଗର୍ଭବତୀ ମହିଳା ମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରିବାକୁ ବିଫଳ ହେଉଛନ୍ତି । ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ଦୈନିକ ୧୦ ରୁ ଉର୍ଦ୍ଧ ମାଁ ପ୍ରସବ କରୁଛନ୍ତି । କିନ୍ତୁ ଅନେକ ମାଁଙ୍କୁ ରକ୍ତ ମିଳୁନଥିବା ଯୋଗୁଁ ଶିଶୁ ଜନ୍ମ ଦେଲା ପରେ ମଧ୍ୟ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରସୂତୀଙ୍କୁ ନେବାକୁ ବାଧ୍ୟ ହେଉଛନ୍ତି । ବ୍ଲଡ ଷ୍ଟୋରେଜ ୟୁନିଟ କାର୍ଯ୍ୟକ୍ଷମ ହେଲେ ଅନେକ ପ୍ରସୂତୀ ମାଁ ସମେତ ଅନ୍ୟାନ୍ୟ ରୋଗୀ ମାନେ ଉପକୃତ ହୋଇପାରନ୍ତେ ବୋଲି ଖଡିଆଳ ବୁଦ୍ଧିଜିବୀ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବ୍ଲଡ ଷ୍ଟୋରେଜ ୟୁନିଟକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି ।

# ଖଟିଖିଆଙ୍କୁ ମାଗଣା ଖାଦ୍ୟ, ୬ ମାସ ପାଇଁ ପ୍ରତି ପରିବାରକୁ ଆର୍ଥିକ ସହାୟତା ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

ଭଦ୍ରକ, (ପିଏନ)- ସିପିଆଇଏମ୍ ପଲିଟି ବ୍ୟୁରୋ ଡାକରାରେ ସାରା ଦେଶରେ ଗତ ୧୭ ତାରିଖ ଠାରୁ ମୋଦି ସରକାର ବିରୋଧୀ ଆନ୍ଦୋଳନ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦାବି ନେଇ ସିପିଆଇଏମ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ବନ୍ତ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସମଗ୍ର ବିଶ୍ୱ କରୋନା ମହାମାରୀ କବଳରେ ରହିଛି । ଭାରତ ବର୍ଷ ମଧ ଏଥିରୁ ବାଦ୍ ପଡିନାହିଁ । ଦେଶବାସୀଙ୍କ ଜୀବନ ଓ ଜୀବିକା ସଂକଟମୟ ସ୍ଥିତି ମଧ୍ୟରେ ଗତି କରୁଛି । ଏଭଳି ସମୟରେ କେନ୍ଦ୍ର ମୋଦି ସରକାର ସଂସଦରେ ଏ ବିଷୟ ଆଲୋଚନା ନ କରି କୃଷିଜାତ ଦ୍ରବ୍ୟ ଡାଲି, ଧାନ, ଆଳୁ, ପିଆଜକୁ ୩ଟି ଅଧାଦେଶ ଜରିଆରେ କର୍ପୋରେଟ କମ୍ପାନୀ ହାତକୁ ଟେକି ଦେଇଛି । ସମସ୍ତ ରାଷ୍ଟ୍ରାୟ ଶିଳ୍ପ ଯଥା ରେଳବାଇ, ବିମାନ ସେବା, ବ୍ୟାଙ୍କ, ଡାକ, ବୀମା, ଖଣିକୁ ଶାଗମାଛ ଦରରେ ଆଦାନୀ, ଅମ୍ବାନୀ ତଥା ବିଦେଶୀ କର୍ପୋରେଟ କମ୍ପାନୀକୁ ଟେକି ଦିଆଯାଉଛି ବୋଲି ବିକ୍ଷୋଭ ଅବସରରେ ଆରୋପ କରାଯାଇଛି । ଦେଶରେ ପେଟ୍ରୋଲ, ଡିଜେଲର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟରେ ସ୍ଥିରତା ଆଣିବା, କରୋନା ମହାମରୀ ଜନିତ ଗରିବ ଖଟିଖିଆ ରିକ୍‌ସା ଚାଳକ, ନିର୍ମାଣ ଶ୍ରମିକ, ପରିବହନ ଶ୍ରମିକ, ବନ୍ଦର ଶ୍ରମିକ, ଟ୍ରଲି ଚାଳକ ଭଳି ପରିବାରକୁ ମାଗଣା ଖାଦ୍ୟ ଯୋଗାଣ ଓ ପ୍ରତି ପରିବାରକୁ ୬ ମାସ ପାଇଁ ମାସିକ ୭୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇବାକୁ ବିକ୍ଷୋଭ ସଭାରେ ଦାବି କରାଯାଇଛି ।

# ଭୁବନ ବିଜେପି ତରଫରୁ ସେବା ସପ୍ତାହ ଉଦଯାପିତ

ଭୁବନ, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ ତମ ଜନ୍ମଜୟନ୍ତୀ ଅବସରରେ ଭୁବନ ବିଜେପି ତରଫରୁ ଅନୁଷ୍ଠିତ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ବୃକ୍ଷରୋପଣ,ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ,ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ,ରକ୍ତଦାନ ଶିବିର ଏବଂ ଅନ୍ତିମ ଦିବସରେ ଗତକାଲି ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ପରିସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯାଇ ସେବା ସପ୍ତାହ ଉଦଯାପିତ ହୋଇଥିଲା । ଭୁବନ ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମଣ୍ଡଳ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ, ପୂର୍ବତନ କାନସିଲର ମାୟାଧର ଗୁରୁ,ପବିତ୍ର ସାହୁ,ଗଣେଶ୍ୱର ନାୟକ,ସୁଶାନ୍ତ ନାୟକ,ସନ୍ତୋଷ ରାଉଳ,ନିରଂଜନ ଗୁରୁ, ମଳୟ ତ୍ରିପାଠୀ,ଜଗବନ୍ଧୁ ଗୁରୁ,ଅଜିତ ସାହୁ,ସଂଜୟ ଗୁରୁ,ନାରୀନେତ୍ରୀ ସରୋଜିନୀ ରଣା,ଅମ୍ବିକା ବେଜ,ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନୁରୂପ ଭାବେ ଭୁବନ ବ୍ଲକର ମହୁଲପାଳ ମଣ୍ଡଳ ସଭାପତି ଚୈତନ୍ୟ ବେହେରା,ମୃଦଙ୍ଗା ସରପଂଚ ଅଶୋକ ଦତ,ମହୁଲପାଳ ସରପଂଚ ମମତା ସାହୁ,ଗଗନ ବିହାରୀ ସାହୁ ଏବଂ ବାରଅାଁ ମଣ୍ଡଳ ତରଫରୁ ସଭାପତି ସଂଜୟ ଦାସ ଙ୍କ ନେତୃତ୍ୱରେ ରସାନନ୍ଦ ମହାପାତ୍ର, ଜିଲ୍ଲା ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା ଙ୍କ ସହଯୋଗରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ୩୦ ବର୍ଷର ଫଳପୁରର ଜଙ୍ଗଲ ଜମି ଏବେ ବ୍ୟକ୍ତିଗତଙ୍କ ନାଁରେ : ଆନ୍ଦୋଳନ ପାଇଁ ୫ ପଂଚାୟତବାସୀ ଏକଜୁଟ

ଭଦ୍ରକ, (ପିଏନ)- ଭଦ୍ରକ ଜିଲା ଧାମନଗର ତହସିଲ ଅଧିନରେ ଥିବା ବିଭିନ୍ନ ଗୋଚର, ଅନାବାଦୀ ଓ ଜଙ୍ଗଲ ଜମିକୁ କେତେକ ଜମି ଦଲାରୀ ଚଂଚକତା କରି ନିଜ ନାମରେ କରି ନେଇଥିବା ଅଭିଯୋଗ ହୋଇଛି । ଏପରିକି ଉକ୍ତ ଜମିରେ ସଂପୃକ୍ତ ଦଲାରୀମାନେ ପକ୍କାଘର ସହିତ ଜବରଦଖଲ କରିବାରେ ସକ୍ଷମ ହୋଇଛନ୍ତି । ଏନେଇ ବିଭିନ୍ନ ମହଲରୁ ବାରମ୍ବାର ଅଭିଯୋଗ ସତ୍ୱେ ବି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଥାଉକି ଧାମନଗର ତହସିଲ ଅନ୍ତର୍ଗତ ଭଟ୍ଟସାହି ପଂଚାୟତ ଫଳପୁର ମୌଜାର ତଫସିଲ ଗ୍ରାମ୍ୟ ଜଙ୍ଗଲ ବୃତିକୁ ଚଂଚକତା କରି ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ନିଜ ନାମରେ ପଟ୍ଟା କରିନେଇଥିବା ଜଣାଯାଇଛି । ଅଭିଯୋଗରୁ ଜଣାଯାଇଛି ଯେ, ଜମିଦାରୀ ସମୟରେ ସୁଶିଳାବାଳା ଦାସୀ ନାମରେ ଉକ୍ତ ତଫସିଲ ରେକର୍ଡ ଦରଜ ଥିଲା । ସାବକରେ ଏହାର ଖାତା ନଂ-୧୩୫ ଅବଂ ପ୍ଲଟ ନଂ-୧୫୬୦ ଓ ୧୫୬୧, ରକବା ୨ଏକର ୧୧ ଡିସିମିଲ ଥିଲା । ତତ୍‌ପରେ ଉକ୍ତ ତଫସିଲ ହାଲ ବନ୍ଦୋବସ୍ତରେ ରାଧାକାନ୍ତ ବୋଷ ପିତା-ରାମକୃଷ୍ଣ ବୋଷ, ବାସସ୍ଥାନ-କୋଠାରରେ ରେକର୍ଡ ଦରଜ ଥାଇ ପୁନର୍ବାର ରାଧାକାନ୍ତ ବୋଷଙ୍କ ଦୁଇ କନ୍ୟା ରାଜେଶ୍ୱରୀ ଦେ ଓ ତନୁଶ୍ରୀ ମିତ୍ରଙ୍କ ନାମରେ ରେକର୍ଡ ହୋଇଥିଲେ ହେଁ ପ୍ରକୃତପକ୍ଷେ ସେମାନେ କେହିଁ ଏହି ଜଙ୍ଗଲ ଜମିରେ ଦଖଲଦାରୀ ନଥିଲେ । ପରବର୍ତୀ ସମୟରେ ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ସେମାନଙ୍କ ଠାରୁ ଚଂଚକତା କରି ଉକ୍ତ ଜଙ୍ଗଲ ଜମିକୁ ନିଜ ନାମରେ କରି ପଟ୍ଟା ପାଇବାରେ ସକ୍ଷମ ହୋଇଛନ୍ତି । ଏହି ଚଂଚକତା ଘଟଣା ଜଣାପଡିବା ପରେ ଆଖପାଖ ଅଂଚଳର ଭଟ୍ଟସାହି ସମେତ ନଦୀଗାଁ, ଦଳାଙ୍ଗ, ଅର୍ଜୁନପୁର ଓ ବୟାଙ୍ଗଡିହ ଆଦି ପଂଚାୟତର ଶହଶହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ପାରିପାର୍ଶ୍ୱରେ ଅରଳେଶ୍ୱର ମହାଦେବ ମନ୍ଦିର, ଶନିଦେବଙ୍କ ମନ୍ଦିର, କଣ୍ଡିଆଶୁଣି ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅସ୍ଥାନ ରହିଛି । ମଧ୍ୟଭାଗରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତା ଏବଂ ଜଙ୍ଗଲର ଚତୁପାର୍ଶ୍ୱରେ କଣ୍ଡିଆ ଓ ଗେଙ୍ଗୁଟି ନଦୀ ଥିବାରୁ ପରିବେଷକୁ ସୁନ୍ଦର କରିଛି । ଏନେଇ ଉକ୍ତ ୫ଟି ପଂଚାୟତର ଶତାଧିକ ଜନସାଧାରଣ ଏହି ଗ୍ରାମ୍ୟ ଜଙ୍ଗଲ ପରିସରରେ ଥିବା କଣ୍ଡିଆଶୁଣୀ ପୀଠରେ ଏକତ୍ରିତ ହୋଇ ପରବର୍ତୀ କାର୍ଯ୍ୟପନ୍ଥା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୩୦ ବର୍ଷ ଧରି ସରକାରଙ୍କ ଏହି ସ୍ଥାନ ଗ୍ରାମ୍ୟ ଜଙ୍ଗଲର ମାନ୍ୟତା ପାଇଥିଲା ବେଳେ କିପରି ଭାବେ ଏହି ଜମିକୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ରେକର୍ଡଭୁକ୍ତ କରାଗଲା । ଏହି ର୍ୟାକେଡ ପଛରେ କେଉଁ ସରକାରୀ ଅଧିକାରୀଙ୍କ ହାତ ଅଛି ତାହାକୁ ତୁରନ୍ତ ବାହାର କରିବା ସହିତ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଏକ ପ୍ରତିନିଧି ଦଳ ଆଗାମୀ ଦିନରେ ଭଦ୍ରକ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ଏଥିସହ ଧାମନଗର ତହସିଲଦାରଙ୍କ ସମେତ ମୁଖ୍ୟମନ୍ତ୍ରୀ, ଆରଡିସି, ରାଜସ୍ୱ ଓ ଜଙ୍ଗଲ ବିଭାଗର ମନ୍ତ୍ରୀ, ସାଂସଦ, ସ୍ଥାନୀୟ ବିଧାୟକ ଓ ପଂଚାୟତ ସମିତି ଅଧ୍ୟକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତି ହୋଇଛି । ଏହି ବୈଠକରେ ସମାଜସେବୀ ମଧୁସୂଦନ ମହାନ୍ତିଙ୍କ ସଭାପତିତ୍ୱରେ ନାରାୟଣ ଚନ୍ଦ୍ର ନାୟ, ସଂଜୟ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ମହାନ୍ତି, ସମିତିସଭ୍ୟ ବିରଜା ପ୍ରସନ୍ନ ରାଉତ, ବିଶ୍ୱଜିତ ପତି, ସଂଜିବ କୁମାର ସାହୁ, ଦୁଃଶାସନ ପଣ୍ଡା, ପ୍ରମୋଦ କୁମାର ମହାନ୍ତି, ମନୋଜ କୁମାର ମହାନ୍ତି, ଗୋଲେଖ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ମହାଳିକ, ଆନନ୍ଦଚନ୍ଦ୍ର ମହାପାତ୍ର, ବାବାଜୀ ଚରଣ ନାୟକ, ପ୍ରଦୀପ ମହାପାତ୍ର, ସନ୍ଦିପ ମହାନ୍ତି, ଜନ୍ମଜୟ ପତି, ବୁଲୁ ପଣ୍ଡା, ଉପେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ସାହୁ, ପ୍ରଦୀପ ନାୟକ, ଦିପ୍ତି ମହାପାତ୍ର, କ୍ଷେତ୍ରବାସୀ ବାରିକ, ହରେକୃଷ୍ଣ ପ୍ରଧାନ, ପ୍ରତାପ ଜେନାଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉପରୋକ୍ତ କାର୍ଯ୍ୟକୁ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
Bhubaneswar Tuesday March 18 ଭୁବନେଶ୍ୱର ମଙ୍ଗଳବାର, ମାର୍ଚ୍ଚ ୧୮, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ରାୟଗଡାର ଶ୍ରୀଶୋଭିତ ଦେବୀ ମଝିଘରିଆଣୀଙ୍କ ଦିବ୍ୟ ଝାମୁ ଯାତ୍ରାର ମଙ୍ଗଳମୟ ଶୁଭଖୁଣ୍ଟି ପ୍ରତିଷ୍ଠା



ରାୟଗଡ଼,(ପି.ଏନ) : ପ୍ରତିବର୍ଷ ଚୈତ୍ର ମାସ ଶୁକ୍ଳ ପକ୍ଷରେ ହୁଏ ମାଁ ମଝିଘରିଆଣୀଙ୍କ ଝାମୁ ଯାତ୍ରା । ଏହି ଅବସରରେ ମାଁ ଙ୍କର ଦର୍ଶନ ପାଇଁ ବହୁ ଦୂରଦୂରାନ୍ତରୁ ଭକ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ। ଚଳିତ ବର୍ଷ ରାୟଗଡ଼ର ପ୍ରସିଦ୍ଧ ଠାକୁରାଣୀ ମାଁ ମଝିଘରିଆଣୀଙ୍କ ମନ୍ଦିରରେ ଆରମ୍ଭ ହେବା ଝାମୁ ଯାତ୍ରା। ଏଥିପାଇଁ ସଜବାଜ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଆଜି ମନ୍ଦିର ପ୍ରାଙ୍ଗଣରେ ଶୁଭଖୁଣ୍ଟି ସ୍ଥାପନ ହୋଇଛି। ଚୈତ୍ର ମାସ କୃଷ୍ଣ ପକ୍ଷ ତୃତୀୟାରେ ଶୁଭବେଳା ନିର୍ଣ୍ଣୟ କରି ମନ୍ଦିରର ରାଜ ପୁରୋହିତ ବିରଞ୍ଚି ନାରାୟଣ ଦାଶଙ୍କ ପୌରହିତ୍ୟରେ ମଝିଘରିଆଣୀ ମାଁ ଙ୍କ ମୁଖ୍ୟ ପୂଜକ ଚନ୍ଦ୍ର ପୂଜାରୀଙ୍କ ଉପସ୍ଥିତିରେ ଏହି କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି ।ଶୁଭ ଖୁଣ୍ଟିକୁ ନୀତି ଅନୁଯାୟୀ ଆଣି ମନ୍ଦିର ପ୍ରାଙ୍ଗଣରେ ସମସ୍ତ ନିତିକାନ୍ତି ଅନୁଯାୟୀ ପ୍ରତିଷ୍ଠା ହୋଇଛି । ଯାହାକି ମାଁ ଙ୍କ ଝାମୁଯାତ୍ରା ବା ଚୈତ୍ର ପର୍ବ ଚଳିତ ମାସ ଶୁକ୍ଳ ପକ୍ଷ ଦଶମୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷିରେ ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ରାଇସିଂ ବିଡିକା ଓ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ମାଁ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ସୁସଜ୍ଜିତ ହୋଇ ଦର୍ଶନ ଦେବା ସହ ସମାଜ କଲ୍ୟାଣ ପାଇଁ ପାଞ୍ଚ ଦିନ ପଞ୍ଚଯଜ୍ଞ କରାଯାଇ ମାଁଙ୍କର ସାନ୍ନିଧ୍ୟ ଲାଭ କରି ପାରିବେ ବୋଲି ମନ୍ଦିରର ମୁଖ୍ୟ ପୂଜକ ଚନ୍ଦ୍ର ପୂଜାରୀ କହିଛନ୍ତି ।

## ୧୯ରୁ କୁଆପଥର ବର୍ଷା ୨୨ ପର୍ଯ୍ୟନ୍ତ କାଳବୈଶାଖୀ, ସତର୍କ କଲା ପାଣିପାଗ ବିଭାଗ

ଭୁବନେଶ୍ୱର,୧୭ ।୩(ପି.ଏନ): ତାତିରୁ ମିଳିବ ମୁକ୍ତି । ରାଜ୍ୟରେ ତାତିରେ ଲଗାମ ଲଗେଇବ କାଳବୈଶାଖୀ ।୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ କାଳବୈଶାଖୀ ସମ୍ଭାବନା ଥିବା କହିଲା ଆଞ୍ଚଳିକ ପାଣିପାଗ ବିଭାଗ ।କିଛି ସ୍ଥାନରେ କୁଆପଥର ବର୍ଷା ସମ୍ଭାବାନା ରହିଥିବା ସତର୍କ କଲା ପାଣିପାଗ ବିଭାଗ ।ମାର୍ଚ୍ଚ ୧୯ରେ ରାଜ୍ୟର ୭ ଜିଲ୍ଲାରେ ଝଡବର୍ଷା ସମ୍ଭାବନା । ସୁନ୍ଦରଗଡ, କେନ୍ଦୁଝର, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୁରଭଞ୍ଜରେ ଘଡଘଡି, ପ୍ରବଳ ପବନ ସହ ବର୍ଷା ସମ୍ଭାବନା ରହିଛି ।୨୦ରେ କାଳକୈଶାଖୀ ବିସ୍ତୃତି ବଢ଼ିବ । ୨୧ ଓ ୨୨ ତାରିଖରେ ସାରା ରାଜ୍ୟରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିବ ।

## କବି ରମାକାନ୍ତ ରଥଙ୍କ ଦେହାନ୍ତ ଭାରତୀୟ ସାହିତ୍ୟ ପାଇଁ ଏକ ଅପୂରଣୀୟ କ୍ଷତି : ଡ ସୁନୀତି ମୁଣ୍ଡ



ଭୁବନେଶ୍ୱର,(ପି.ଏନ): ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ, ଲେଖକ, ସମ୍ପାଦକ, ପ୍ରକାଶକ ଡକ୍ଟର ସୁନୀତି ମୁଣ୍ଡ ୯୧ ବର୍ଷ ବୟସରେ କବି ରମାକାନ୍ତ ରଥଙ୍କ ଦେହାନ୍ତରେ ଗଭୀର ସମବେଦନା ଜଣାଇଛନ୍ତି। ସେ କହିଛନ୍ତି ଯେ ରମାକାନ୍ତ ରଥଙ୍କ ମୃତ୍ୟୁ ଭାରତୀୟ ସାହିତ୍ୟ ପାଇଁ ଏକ ଅପୂରଣୀୟ କ୍ଷତି। ରଥଙ୍କ ଦେହାନ୍ତ ହେବା ପରେ ଓଡିଆ ସାହିତ୍ୟରେ ଏକ ଯୁଗର ଶେଷ ହୋଇଯାଇଛି। ଡ ସୁନୀତି ମୁଣ୍ଡ ଆଜି ଭୁବନେଶ୍ୱରରେ ତାଙ୍କ ବାସଭବନରେ ପହଞ୍ଚି ମୃତ ଦେହର ଶେଷ ଦର୍ଶନ କରିଥିଲେ ଏବଂ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। କବି ରଥଙ୍କ ସହ ସୁନୀତି ନିୟମିତ ଯୋଗାଯୋଗରେ ଥିଲେ। ସେ ତାଙ୍କ କବିତ୍ୱ ତଥା ଜୀବନୀକୁ ନେଇ ବିଭିନ୍ନ ମିଡିଆରେ କାମ କରିଥିଲେ ।ଡ ମୁଣ୍ଡ କହିଛନ୍ତି ଯେ ପ୍ରତ୍ୟେକ ଥର ତାଙ୍କୁ ଭେଟିବାବେଳେ ତାଙ୍କ ଠାରୁ ସବୁବେଳେ କିଛି ନୂଆ ଶିଖିବାକୁ ମିଳୁଥିଲା। ସେ ମୋତେ ଭଲ ଲେଖିବାକୁ ସର୍ବଦା ପ୍ରେରଣା ଦେଉଥିଲେ ।

## ଚୈତି ଯାତ୍ରା ପାଇଁ ଚଳଚଞ୍ଚଳ ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ପୀଠ

ଭୁବନେଶ୍ୱର,୧୭ ।୩(ପି.ଏନ): ଚଳଚଞ୍ଚଳ ତାରାତାରିଣୀଙ୍କ ପୀଠ । ଆସନ୍ତା କାଲିଠାରୁ ଆରମ୍ଭ ହେବ ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଆ ତାରାତାରିଣୀଙ୍କ ଚେ?ତ୍ର ଯାତ୍ରା । ଯାତ୍ରାକୁ ଶାନ୍ତିଶୃଙ୍ଖଳା ସହିତ ସମାପନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ମନ୍ଦିର ଉପରେ ଓ ତଳେ ପାନୀୟ ଜଳ ବ୍ୟବସ୍ଥା ସାଙ୍ଗକୁ ବ୍ୟାରିକେଟ ବ୍ୟବସ୍ଥା ହୋଇଛି । ସଜେଇ ହେଲାଣି ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଆ ତାରାତାରିଣୀଙ୍କ ପୀଠ । ଆସନ୍ତାକାଲିଠାରୁ ଆରମ୍ଭ ହେବ ମାଆଙ୍କ ଚୈତ୍ର ଯାତ୍ରା । ଏବେଠୁ ପୀଠରେ ଲାଗିଲାଣି ଭକ୍ତଙ୍କ ଗହଳି । ମାଆଙ୍କ ଯାତ୍ରାକୁ ଶାନ୍ତିଶୃଙ୍ଖଳା ସହିତ ସମାପନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଭକ୍ତ ମାନେ ଯେପରି ଶାନ୍ତିଶୃଙ୍ଖଳାର ସହ ମାଆଙ୍କ ଦର୍ଶନ କରିପାରିବେ ସେଥିପାଇଁ ବ୍ୟାରିକେଡର ବ୍ୟବସ୍ଥା କରାଯାଇଛି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମନ୍ଦିର ଉପରକୁ ଭକ୍ତଙ୍କ ଯାତାୟତ ନିମନ୍ତେ ୨୦ ରୁ ୨୫ ଟି ବସ ଚଳାଚଳର ବ୍ୟବସ୍ଥା କରାଯିବା ସାଙ୍ଗକୁ ମନ୍ଦିର ଉପର ଓ ତଳେ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି । ମାଆଙ୍କ ଚୈତ୍ର ଯାତ୍ରା ଆସନ୍ତାକାଲି ଠାରୁ ଆରମ୍ଭ ହୋଇ ଏପ୍ରିଲ ୧୫ରେ ଶେଷ ହେବ । ଚୈତ୍ର ଯାତ୍ରା ଅବସରରେ ମାଆଙ୍କୁ ସ୍ୱତନ୍ତ୍ର ରୀତିନୀତି ସହକାରେ ପୂଜାର୍ଚ୍ଚନା କରାଯିବ । ପ୍ରତି ମଙ୍ଗଳବାର ଦିନ ମାଆ ବିଭିନ୍ନ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ । ସେପଟେ ଆସନ୍ତାକାଲି ଠାରୁ ମାଆଙ୍କ ଚୈତ୍ର ଯାତ୍ରା ଆରମ୍ଭ ହେଉଥିବା ବେଳେ ଆଜି ଠାରୁ ପୀଠରେ ଭକ୍ତ ମାନଙ୍କର ଭିଡ଼ ଲାଗିଲାଣି ।

## ମିଳୁନି ନିର୍ଦ୍ଧାରିତ ୩ ହଜାର ୫ଶହ ଟଙ୍କା ଭତ୍ତା, କଟକ ମହାନଗର ନିଗମ କମିଶନରଙ୍କୁ ଭେଟି ଜଣାଇଲେ ଗୁହାରି

ଭୁବନେଶ୍ୱର,୧୭ ।୩(ପି.ଏନ): ନୂଆ ସରକାର ଭତ୍ତା ସହାୟତା ଅର୍ଥରାଶି ବଢ଼ାଇ ବାହା ବାହା ନେଉଥିବା ବେଳେ ତିନି ମାସ ହେବ କଟକ ଚାଉଳିଆଗଞ୍ଜ ଅଞ୍ଚଳର କିଛି ଭିନ୍ନକ୍ଷମ ହିତାଧିକାରୀଙ୍କୁ ସରକାରଙ୍କ ନିର୍ଦ୍ଧାରିତ ୩ ହଜାର ୫ଶହ ଟଙ୍କାର ସହାୟତା ଭତ୍ତା ମିଳୁନାହିଁ। ବାଧ ହୋଇ ସେମାନେ ଆଜି ପରିବାର ସହିତ କଟକ ମହାନଗର ନିଗମ କମିଶନରଙ୍କୁ ଭେଟି ନିଜର ଗୁହାରି ଜଣାଇଛନ୍ତି । ଆଧାରରେ ସମସ୍ୟା ଥିବା ବେଳେ ଅଙ୍ଗୁଳି ଛାପ ମିଶୁ ନାହିଁ ବା ଡିଜିଟାଲ ସାର୍ଟିଫିକେଟ ନାହିଁ ଭଳି ଆଳ ଦେଖାଇ ସେମାନଙ୍କୁ ଫେରାଇ ଦେଉଛନ୍ତି ଫିଲ୍ଡରେ କାମ କରୁଥିବା ଅଧିକାରୀ । ଫଳରେ ଭତ୍ତା ଟଙ୍କା ନ ପାଇ ସେମାନେ ହଇରାଣ ହେଉଛନ୍ତି । ଏ ସବୁ ଗୁହାରି ଶୁଣିବା ପରେ ସାତ ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବାକୁ ପ୍ରତିଶୃତି ଦେଇଛନ୍ତି ସିଏମସି କମିଶନର।

## ମହିଳାମାନେ ମହାଶକ୍ତିର ଭଣ୍ଡାର : ୱାର୍ଲଡ ଓଡ଼ିଶା ସୋସାଇଟି ଦ୍ୱାରା ଶକ୍ତି ଉତ୍ସବ ଆୟୋଜନ



ନୂଆଦିଲ୍ଲୀ (ପି.ଏନ):ମହିଳାମାନେ ମହାଶକ୍ତିର ଭଣ୍ଡାର ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି ।ଏଠାରେ ୱାର୍ଲଡ ଓଡ଼ିଶା ସୋସାଇଟି (ୱାଓସୋ) ଆନୁକୁଲ୍ୟରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ ଉପଲକ୍ଷେ ଆୟୋଜିତ ଚତୁର୍ଥ ଶକ୍ତି ଉତ୍ସବରେ ଉଦବୋଧନ ଦେଇ ଆମନ୍ତ୍ରିତ ଅତିଥି ଓ ବକ୍ତାମାନେ ବିଶ୍ୱଭରି ନାରୀ ଜାତିର ମଧୁରତା, ମହାନତା ଓ ମହନୀୟତା ଉପରେ ଆଲୋକପାତ କରିଥଲେ। ହାଇବ୍ରିଡ ଢଙ୍ଗରେ ଅନୁଷ୍ଠିତ ଏହି ସମାରୋହରେ ଓଡ଼ିଶା ସମେତ ଭାରତ ବର୍ଷର ବିଭିନ୍ନ ରାଜ୍ୟ ଏବଂ ବିଶ୍ୱର ବିଭିନ୍ନ କୋଣରୁ ୱାଓସୋର କର୍ମକର୍ତ୍ତା ଓ ସଦସ୍ୟ, ପ୍ରବାସୀ ଓଡ଼ିଆ ତୁଙ୍ଗନେତୃବର୍ଗ ଏବଂ ଓଡ଼ିଶା ସମାଜର ପ୍ରତିନିଧିମାନେ ଶତାଧିକ ସଂଖ୍ୟାରେ ଯୋଗ ଦେଇଥିଲେ। ମୁଖ୍ୟ ଉତ୍ସବ ନୂଆଦିଲ୍ଲୀର କସ୍ତୁରବା ଗାନ୍ଧୀମାର୍ଗ ସ୍ଥିତ ସିଭିଲ ସର୍ଭିସ୍ ଅଫିସର୍ସ ଇନଷ୍ଟିଚ୍ୟୁଟ (ସି.ଏସ୍ . ଓ.ଆଇ. )ଠାରେ ଅନୁଷ୍ଠିତ ହୋଇଥିବା ବେଳେ ଆଭାସୀ ମଞ୍ଚରେ ପଚାଶରୁ ଉର୍ଦ୍ଧ୍ୱ ରାଷ୍ଟ୍ରର ପ୍ରମୁଖ ବୈଶିକ ଓଡ଼ିଆମାନେ ଏଥିରେ ସାମିଲ ହୋଇଥିବା ଦେଖା ଯାଇଥିଲା। ସମାରୋହର ମହତ୍ତ୍ୱ ଓ ମାଧୁର୍ଯ୍ୟ ସହିତ ତାଳ ମିଳାଇ ସି. ଏସ୍ . ଓ. ଆଇ ସ୍ଥିତ ବାଟିକା ମୁକ୍ତାକାଶ ପ୍ରାଙ୍ଗଣକୁ ଗୋଲାପି ରଙ୍ଗର କପଡ଼ା ଓ ଆଲୋକମାଳାରେ ବେଶ୍ ସୁନ୍ଦର ଭାବରେ ସଜା ଯାଇଥିଲା ।ସମଗ୍ର ପରିବେଶ ଆନନ୍ଦ,ଉଲ୍ଲାସ ଓ ଉତ୍ସବମୁଖର ହୋଇ ପଡ଼ିଥିବା ଲକ୍ଷ୍ୟ କରାଯାଇଥିଲା ।ସମାବେଶରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନୂଆଦିଲ୍ଲୀର ସାଂସଦ ବାଂଶୁରୀ ସ୍ୱରାଜ, ସାରା ବିଶ୍ୱରେ ମହିଳାମାନଙ୍କ ସମ୍ମୁଖରେ ଅଧୁନା ମୁଖ୍ୟତଃ ତିନୋଟି ଆହ୍ୱାନ ଯଥା: ସାମାଜିକ ଆଭିମୁଖ୍ୟ ପରିବର୍ତ୍ତନ, ଆର୍ଥିକ ସ୍ୱଚ୍ଛଳତା ଏବଂ ରାଜନୈତିକ ସଶକ୍ତିକରଣ ରହିଥିବା ଦର୍ଶାଇ ,ନାରୀ ଜାତିର ଉତ୍ଥାନ ପାଇଁ କେବଳ ସେମାନଙ୍କୁ ସଶକ୍ତ ନୁହଁ, ସେମାନଙ୍କର ନେତୃତ୍ୱରେ ବିକାଶର ଯାତ୍ରାକୁ ସମ୍ଭବପର କରାଇବାର ଆବଶ୍ୟକତା ଥିବା କହିଥିଲେ। ଏହି ଉତ୍ସବରେ ସ୍ୱାଗତ ଭାଷଣ ପ୍ରଦାନ କରି ୱାଓସୋର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ସଂସ୍ଥାର ଅଭୂତପୂର୍ବ ପ୍ରଗତି ପଛରେ ବିଶ୍ୱ ଭରି ଓଡ଼ିଆ ମାନଙ୍କର ଅତୁଟ ସମର୍ଥନ ଓ ଅଶେଷ ଆଶୀର୍ବାଦ ରହିଥିବା ଦର୍ଶାଇଥିଲେ। ୱାଓସୋର ପ୍ରତିଷ୍ଠାତ୍ରୀ ଡଃ. ଅରୁନ୍ଧତୀ ଦେବୀ, ମହିଳାମାନଙ୍କର ଆର୍ଥିକ, ଶୈକ୍ଷିକ ଏବଂ ସାମାଜିକ କ୍ଷେତ୍ରରେ ପ୍ରଗତି ଉପରେ ଜୋର ଦେଇଥିଲେ। ପ୍ରଖ୍ୟାତ ଚିତ୍ରଶିଳ୍ପୀ ଯତୀନ ଦାସ, ମହିଳା ଓ ପୁରୁଷ ପରସ୍ପରର ପରିପୂରକ ବୋଲି ସୂଚାଇ ନାରୀ ଶକ୍ତିକୁ ସ୍ୱୀକୃତି ଓ ସମ୍ମାନ ଜଣାଇବାକୁ ପରାମର୍ଶ ଦେଇଥିଲେ ।ଯାଜପୁରର ସାଂସଦ ଡଃ. ରବୀନ୍ଦ୍ର ନାରାୟଣ ବେହେରା ମହିଳାମାନଙ୍କର ପ୍ରତିଭା ଓ ପାରଦର୍ଶିତାକୁ ପରଖିବା ଓ ପୁରସ୍କୃତ କରିବା ଭଳି ୱାଓସୋର ସାଧୁ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ ।ଲୋକସେବକ ମଣ୍ଡଳର ଉପସଭାପତି ଦୀପକ ମାଲବ୍ୟ ୱାଓସୋର ପରବର୍ତ୍ତୀ ଅଧିବେଶନ ଉତ୍ତର ପ୍ରଦେଶରେ ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେରଳର ପୂର୍ବତନ ପୁଲିସ ଡିଜି ସଞ୍ଜୀବ ପାଟଯୋଶୀ, ଶ୍ରୀ ନୀଳାଚଳ ସେବା ସଙ୍ଘର ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ, ୱାଓସୋର ମହାସଚିବ ଶିବ ରଞ୍ଜନ ବିଶ୍ୱାଳ, ମହିଳା ଶାଖାର ସଭାପତି ଡଃ. ସୁନନ୍ଦା ମିଶ୍ର ପଣ୍ଡା, ସାଧାରଣ ସମ୍ପାଦକ ଚିଦାମ୍ବିକା ଖଟୁଆ ଓ ସାଙ୍ଗଠନିକ କମିଟିର ଅଧ୍ୟକ୍ଷ ସୁଧୀର ଦାଶ ପ୍ରମୁଖ ସଭାକୁ ସମ୍ବୋଧନ କରିଥିଲେ। ସ୍ୱାଗତ ସମିତିର ଅଧ୍ୟକ୍ଷ ଆଇନଜୀବୀ ସସ୍ମିତା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଶକ୍ତି ଉତ୍ସବର ମୁଖ୍ୟ ଆକର୍ଷଣ, 'ପୃଥିବୀ ବ୍ୟାପୀ ମହିଳା ସମ୍ପ୍ରଦାୟ ସାମ୍ନାରେ ଥିବା ଆହ୍ୱାନ ଓ ଅବସର' ଶୀର୍ଷକ ଏକ ବିଚାର ଗୋଷ୍ଠୀ ଥିଲା। ଏଥିରେ ଅଂଶଗ୍ରହଣକାରୀ ବକ୍ତା ଭାବେ ରାଜ୍ୟସଭା ସାଂସଦ ସୁଜିତ କୁମାର, ବରିଷ୍ଠ କୁଟନୀତିଜ୍ଞ ଅମରେନ୍ଦ୍ର ଖଟୁଆ, ପ୍ରଶାସିକା ଶୁଭସ୍ମିତା ମିଶ୍ର, ଅଭିନେତ୍ରୀ ଦାମିନୀ ଚୋପ୍ରା ଏବଂ ପ୍ରେରଣାଦାୟୀ ବକ୍ତା ଦିବ୍ୟାଶା ସାମନ୍ତରାୟପ୍ରମୁଖ ଯୋଗଦେଇ ବିଶ୍ୱଭରି ମହିଳା ମାନଙ୍କର ବୈଶିଷ୍ଟ୍ୟତାକୁ ବେଶ୍ ପ୍ରାଞ୍ଜଳ ଭାବେ ଅବତାରଣା କରିଥିଲେ ।ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ସମାଜସେବା ଏବଂ ନାରୀ ଉତ୍ଥାନ କ୍ଷେତ୍ରରେ ବିଶେଷ ଯୋଗଦାନ ପାଇଁ ଏହି ଅବସରରେ ୱାର୍ଲଡ଼ ଓଡ଼ିଶା ସୋସାଇଟି ତରଫରୁ ମହାନାରୀ ସମ୍ମାନ ଓ ନାରୀରତ୍ନ ପୁରସ୍କାର ମହିୟସୀ ମହିଳାମାନଙ୍କୁ ପ୍ରଦାନ କରାଯାଇଥିଲା। ଉଦୀୟମାନ ଓ ଅଗ୍ନିବର୍ଷୀ ରାଜନେତା ବାଂଶୁରୀ ସ୍ୱରାଜ ଏବଂ ଓଡ଼ିଶାର ନାଇଟଏଙ୍ଗଲ ଭାବରେ ପରିଚିତ ପ୍ରଖ୍ୟାତ ଗାୟିକା ଅନିନ୍ଦିତା ଦାସ ଙ୍କୁ ମହାନାରୀ ସମ୍ମାନରେ ଭୂଷିତ କରାଯାଇଥିଲା। ଡଃ. ଶର୍ମିଳା ବେହେରା, ପୂର୍ଣ୍ଣଶ୍ରୀ ରାଉତ, ଡଃ ପୁଷ୍ପଶ୍ରୀ ମିଶ୍ର, ଡଃ ନିବେଦିତା ଗିରି, ଡଃ ସ୍ନେହ ପ୍ରଭା ସାମନ୍ତରାୟ, ଲିପ୍ସା ପଟ୍ଟନାୟକ ମହାନ୍ତି,ପୁଷ୍ପାଞ୍ଜଳି ବାରିକ, ରୀତା ପାତ୍ର, ମୀରା ମିଶ୍ର, ସସ୍ମିତା ତ୍ରିପାଠୀ, ପ୍ରଭାତୀ ନାୟକ ମିଶ୍ର, ଅଞ୍ଜନା ଚାୱାଲା, ଲିଲି ଜେନାମଣି, ବାଣୀ ମାଧବ, ସୁଜାତା ସିଙ୍ଘାଣିଆ , ପ୍ରତିମା ଶର୍ମା, ଦାମିନୀ ଚୋପ୍ରା, ଦିବ୍ୟାଶା ସାମନ୍ତରାୟ, ଇପସା ପ୍ରତିବିମ୍ବିତା ଷଡଙ୍ଗୀ ଏବଂ ସ୍ୱର୍ଣ୍ଣପ୍ରଭା ପତି ପ୍ରମୁଖଙ୍କୁ ଅତିଥିମାନେ ନାରୀରତ୍ନ ପୁରସ୍କାର ପ୍ରଦାନ କରିଥଲେ ।ଉତ୍ସବର ସ୍ୱତନ୍ତ୍ର ଆକର୍ଷଣ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଥିଲା। ମହାନାରୀ ସମ୍ମାନ ବିଜେତା ଅନିନ୍ଦିତା ଦାସ ଓ ବଲିଉଡର ବିଖ୍ୟାତ କଣ୍ଠଶିଳ୍ପୀ ଜୀତ ପାରମାଣିକ ମନଲୋଭା ସଙ୍ଗୀତମାନ ପରିବେଷଣ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ନାରୀରତ୍ନ ପୁରସ୍କାର ବିଜେତା ସୁଦକ୍ଷ ଉପସ୍ଥାପକ ପ୍ରତିମା ଶର୍ମା ସମଗ୍ର କାର୍ଯ୍ୟକ୍ରମକୁ ସୂଚାରୁରୂପେ ସଂଯୋଜନା ଓ ସଞ୍ଚାଳନା କରିଥିଲେ। ୱାଓସୋର ଯୁବ ସଦସ୍ୟ ନନ୍ଦନ ଦ୍ୱିବେଦୀ ଓ ଅଙ୍କିତ ଆର୍ଯ୍ୟ ଡିଜିଟାଲ କକ୍ଷକୁ ଦକ୍ଷତାର ସହିତ ପରିଚାଳନା କରିଥିଲେ ।ଶକ୍ତି ଉତ୍ସବକୁ ସଫଳତାର ସହିତ ଆୟୋଜନ କରିବାରେ ୱାଓସୋର ମହିଳା ଶାଖାର ଉପସଭାପତି ରୀତା ପାତ୍ର, ତିନି ସାଧାରଣ ସମ୍ପାଦକ ଉମାକାନ୍ତ ଜେନା, ପୁଷ୍ପାଞ୍ଜଳି ବାରିକ, କାବେରୀ ବେହେରା, ନୂଆଦିଲ୍ଲୀ ଓ ଜାତୀୟ ରାଜଧାନୀ କ୍ଷେତ୍ର ଶାଖାର ସଭାପତି ବିମଳ ଭଲ, ସାଧାରଣ ସମ୍ପାଦକ ଜ୍ଞାନ ପ୍ରକାଶ ଜେନା ଏବଂ ବରିଷ୍ଠ ସଦସ୍ୟ ପ୍ରିୟତମା କରପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ୱାଓସୋର ଉପାଧକ୍ଷ ଡଃ ନଳିନୀ ପତି, ବିଶ୍ୱ ମାନବାଧିକାର ସୁରକ୍ଷା ସଙ୍ଗଠନର ଅଧ୍ୟକ୍ଷ ଅଭିନ୍ନ ହୋତା, ଭୂମିକା ଗ୍ରୁପର ଅଧ୍ୟକ୍ଷ ଭୀଷ୍ମ ରଥ ,ବରିଷ୍ଠ ସାମ୍ବାଦିକ ନିଗମାନନ୍ଦ ପୃଷ୍ଟି, ଲକ୍ଷ୍ମୀ ନାରାୟଣ ବେବର୍ତ୍ତା ,ନୋଏଡା ଜଗନ୍ନାଥ ମନ୍ଦିରର ସମ୍ପାଦକ ଡଃ ମନୋରଞ୍ଜନ ମହାନ୍ତି, ଉପ-ସଭାପତି ପ୍ରମୋଦ ଭଲ , କୃପାନିଧି ବିଶ୍ୱାଳ, ସିଲଭର ଗାନ୍ଧୀ ମୋହନ ମହାପାତ୍ର,ଡଃ. ସୁକାନ୍ତ ଶ୍ରୀଚନ୍ଦନ, ଅଞ୍ଜନା ପଟ୍ଟନାୟକ, ବ୍ରଜ ପଣ୍ଡା,ପ୍ରଦୀପ ଶତପଥୀ, ରମେଶ ଦାସ, ପ୍ରଫେସର ଦେବ ପ୍ରକାଶ ମିଶ୍ର, ପୁନମ ମିଶ୍ର, ବିଷ୍ଣୁ ପ୍ରଧାନ, ସୁରଞ୍ଜିତା ରଣା ଦାଶ, ସରିତା ମହାପାତ୍ର, ଅର୍ଚ୍ଚନା ପରିଡ଼ା, ରବି ରାୟ, ସୁକାନ୍ତି ସାମନ୍ତରାୟ, ରଶ୍ମିରେଖା ମିଶ୍ର, ହୃଷୀକେଶ ପାତ୍ର, ରାକ୍ଷୀ ଗର୍ଗ ଓ ଦୀପକ ଅଗ୍ରୱାଲ ପ୍ରମୁଖ ସାମିଲ ଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray